

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୩ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 13 OCTOBER 2023

Vol.No. 34 ■ No. 270■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବିହାରରେ ମର୍ମନ୍ତୁଦ ରେଳ ଦୁର୍ଘଟଣା

ଟ୍ରାକରୁ ଖସିଲା ୨୧ବଗି, ବଢୁଛି ମୃତ୍ୟୁ ସଂଖ୍ୟା

ବିହାର,୧୨/୧୦ : ବୁଧବାର ବିହାରର ବକ୍ସର ଦେଖିଛି ବଡ ରେଳ ଦୁର୍ଘଟଣା । ଶହ ଶହ ଯାତ୍ରୀଙ୍କୁ ନେଇ ଦିଲ୍ଲୀର ଆନନ୍ଦ ବିହାରରୁ ଗୌହାଟି କାମାକ୍ଷନଗର ଯାଉଥିଲା ନର୍ଥ ଇଷ୍ଟ ଏକ୍ସପ୍ରେସ । ମଝି ରାସ୍ତାରେ ହଠାତ ଟ୍ରେନର ୨୧ଟି ବଗି ଲାଇନଚ୍ୟୁତ ହେଲା ଓ ବଡ ଦୁର୍ଘଟଣାର ଶିକାର ହୋଇଥିଲା । ନିଜ ନିଜ ଗନ୍ତବ୍ୟସ୍ଥଳରେ ପହଁଚିବା ପାଇଁ ଯେଉଁ ଯାତ୍ରୀ ହସଖୁସିରେ ଯାତ୍ରା ଆରମ୍ଭ କରିଥିଲେ ସେମାନେ ହୁଏତ ଅଜଣା ଥିବେ ଯେ ଏଭଳି କିଛି ଦୁର୍ଘଟଣା ତାଙ୍କୁ ଅପେକ୍ଷା କରିଛି । ଟିକେ ନଜର ପକାନ୍ତୁ ଦୁର୍ଘଟଣାସ୍ଥଳ ଉପରେ । । ଘଟଣାସ୍ଥଳରେ ଯେଉଁଠି ନଜର ପଡୁଛି ସେଠି କେବଳ ଦୁର୍ଘଟଣାଗସ୍ତ ବଗି ପଡିଥିବା ଦେଖିବାକୁ ମିଳିଛି । ଏହି ଦୃଶ୍ୟଦେଖିଲେ ବାହାନଗା ରେଳଦୁର୍ଘଟଣା କଥା ପୁଣି ମନେପଡିବା ସହ ମନକୁ ଆନ୍ଦୋଳିତ କରିପକାଉଛି । ରେଳ ଦୁର୍ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି ଦେଶରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି । ଭାରତୀୟ ରେଳ ବିଭାଗ ଓ କେନ୍ଦ୍ର ସରକାର ଏହାକୁ ରୋକିବା ପାଇଁ ଅଧିକ ଯତ୍ନବାନ ହେବା ଦରକାର । ସେପଟେ ନୀତୀଶଙ୍କୁ ପରାମର୍ଶ ଦେବାର କୌଣସି ଆବଶ୍ୟକତା ନାହିଁ କହି ପାଲଟା ଜବାବ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ । ନର୍ଥ ଇଷ୍ଟ ଏକ୍ସପ୍ରେସ ଲାଇନଚ୍ୟୁତ ହେବା ପରେ ଡିଡିୟୁ-ପାଟନା ରେଳପଥରେ ଯାତାୟତ ପ୍ରଭାବିତ ହୋଇଛି, ଏକାଧିକ ଟ୍ରେନର ରୁଟ ବଦଳିଛି । ଟ୍ରେନ୍ ଦୁର୍ଘଟଣାରେ ଉଦ୍ଧାର କାମ ଶେଷ ହୋଇଥିବା ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ରେଳମନ୍ତ୍ରୀ । କିପରି ହେଲା ଏତେ ବଡ଼ ଦୁର୍ଘଟଣା ସେନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଓ ଶତାଧିକ ଲୋକ ଆହତ ହୋଇଛନ୍ତି । ୩୦ରୁ ଅଧିକ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କ ଚିକିତ୍ସା ଚାଲିଛି । ଲାଇନଚ୍ୟୁ ହୋଇଥିବା ଟ୍ରେନ ୨୧ଟି କୋଚ ମଧ୍ୟରେ ୨ଟି ଏସି କୋଚ ରହିଥିଲା । ବାରମ୍ବାର ଏଭଳି ଦୁର୍ଘଟଣାକୁ ନେଇ ଉଠୁଛି ପ୍ରଶ୍ନ ।

ଟ୍ରକ୍-ସ୍କୁଟି ମୁହାଁମୁହିଁ ଧକ୍କା

ସୁନ୍ଦରଗଡ଼, ୧୨/୧୦ (ନି.ପ୍ର): ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଲିଜୋରି ଛକରେ ଆଜି ଏକ ଟ୍ରକ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ସ୍କୁଟି ଚଲାଉଥିବା ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବା ସହ ସେଠାରେ ସ୍ପୀଡ୍ ବ୍ରେକର ଲଗାଇବାକୁ ଦାବି କରିଥିଲେ । ରାସ୍ତାରୋକ ଫଳରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଥିଲା । ଉତ୍ତେଜନାକୁ ଦୃଷ୍ଟିରେ ରଖି ସେଠାରେ ବ୍ୟାପକ ପୁଲିସ୍ ମୁତୟନ କରାଯାଇଥିଲା ।

ରାସ୍ତାକଡ଼ରୁ ଉଦ୍ଧାର ହେଲା ନବଜାତ ଶିଶୁକନ୍ୟା

ଧାମନଗର, ୧୨/୧୦ (ନି.ପ୍ର): ପୁଣି ଅଲୋଡ଼ା ହେଲା ଶିଶୁକନ୍ୟା । ରାସ୍ତାକଡ଼ରୁ ଏକ ପରିତ୍ୟକ୍ତ ସ୍ଥାନରୁ ଉଦ୍ଧାର ହୋଇଛି ଏକ ନବଜାତ ଶିଶୁକନ୍ୟା । ଜନ୍ମଦେଲା ପରେ ରାସ୍ତାକଡ଼ରେ ଛାଡ଼ି ପଳେଇଛନ୍ତି କେହି ମହିଳା ଅବା ତାଙ୍କ ପରିବାର ଲୋକ । ଘଟଣାଟି ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ଧାମନଗର ଛକ ନିକଟର ରାଇସ୍? ମିଲ୍? ସମ୍ମୁଖରେ । ସ୍ଥାନୀୟ ବାସିନ୍ଦା ପ୍ରଦ୍ୟୁମ୍ନ ବାରିକ ଶିଶୁକନ୍ୟାଟିକୁ ଦେଖି ଆଶା ଦିଦିଙ୍କୁ ଖବର ଦେଇଥିଲେ । ଆଶା କର୍ମୀ ଶିଶୁଟିକୁ ସେଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି । କନ୍ୟା ସନ୍ତାନଟିକୁ ପାଇଥିବା ପ୍ରଦ୍ୟୁମ୍ନ ବାରିକ ତାକୁ ରଖିବେ ବୋଲି ଦାବି କରିଛନ୍ତି ।

ପାରାଦୀପରେ ସିବିଆଇ ରେଡ୍: ୫୦ ହଜାର ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ପବ୍ଲିକ ହେଲ୍‌ଥ ଅଫିସର

ପାରାଦୀପ, ୧୨/୧୦ (ନି.ପ୍ର): ପାରାଦୀପ ପବ୍ଲିକ ହେଲ୍‌ଥ ଅଫିସରେ ଆଜି ଚଢ଼ାଉ କରିଛି ସିବିଆଇ । ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଛନ୍ତି ପବ୍ଲିକ୍ ହେଲ୍‌ଥ ଅଫିସର ଡକ୍ଟର ଆର.ଏନ୍ ପାଣିଗ୍ରାହୀ । ଜଣେ ଶିପିଂ ଏଜେଣ୍ଟଙ୍କ ଠାରୁ ସେ ଏହି ଟଙ୍କା ଗ୍ରହଣ କରୁଥିବା ବେଳେ ସିବିଆଇ ଅଫିସରଙ୍କ ହାତରେ ଧରା ପଡ଼ିଥିଲେ । ଜାହାଜର କ୍ରିଉ ମେମ୍ବରଙ୍କୁ କୋଭିଡ୍ କ୍ଲିୟରାନ୍ସ ସାର୍ଟିଫିକେଟ ଦେବାକୁ ଆର.ଏନ୍ ପାଣିଗ୍ରାହୀ ଉକ୍ତ ଶିପିଂ ଏଜେଣ୍ଟଙ୍କୁ ମାଗିଥିଲେ ଲକ୍ଷେରୁ ଅଧିକ ଟଙ୍କା । ସେ ୭୦ ଜଣ କ୍ରିଉ ମେମ୍ବରଙ୍କୁ କୋଭିଡ୍ କ୍ଲିୟରାନ୍ସ ସାର୍ଟିଫିକେଟ ଦେବାକୁ ଜଣ ପିଛା ୧୫୦୦ ଟଙ୍କା ଲେଖାଏଁ ଦେବାକୁ କହିଥିଲେ । ୧୦ ଜଣିଆ ସିବିଆଇ ଟିମ୍ ଡକ୍ଟର ଆର.ଏନ୍ ପାଣିଗ୍ରାହୀଙ୍କୁ ପଚରାଉଚରା କରୁଛନ୍ତି । କେନ୍ଦ୍ର ଜାହାଜ ଚଳାଚଳ ବିଭାଗ ଅଧୀନରେ ଥିବା ଏହି ପିଏଚଓ ଜାହାଜର କ୍ରିଉ ମେମ୍ବରଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ରଖିବା ସହ ଯାଞ୍ଚ କରିଥାଏ ।

ଡାକ୍ତରଙ୍କୁ ମିଳିବ ସି-ଅଫ୍

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ଏଣିକି ସରକାରୀ ଡାକ୍ତରଖାନା ଗୁଡ଼ିକରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କୁ ମିଳିବ ସି-ଅଫ୍। ସରକାରୀ ଛୁଟି ଦିନରେ କାମ କରୁଥିବା ଡାକ୍ତରଙ୍କୁ ସି-ଅଫ୍ ଦେବାକୁ ଘୋଷଣା କରିଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ସରକାରୀ ଛୁଟି ଦିନରେ କାମ କଲେ ବିକଳ୍ପ ଭାବେ ଡାକ୍ତରମାନଙ୍କୁ ଛୁଟି ଦିଆଯିବ। ଯେଉଁ ମାସରେ କାମ କରିଥିବେ ସେହି ମାସର ଯେକୌଣସି ଦିନ ସେମାନେ ଛୁଟି ନେଇପାରିବେ। ସେହିପରି ଉଖ କିମ୍ବା ଋଖ ସହ ସି-ଅଫକୁ ସାମିଲ କରାଯିବ ନାହିଁ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ, ରୋଗୀ ସେବା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ମେଡିକାଲ ଅଧୀକ୍ଷକ ଓ ଇନ୍‌ଚାର୍ଜଙ୍କୁ ରୋଷ୍ଟର ଡ୍ୟୁଟି ବ୍ୟବସ୍ଥା କରିବାକୁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ।

ସଇତାନ ବାପା: ୪ ବର୍ଷ ଛୁଆର ତଣ୍ଟି ଚିପି ଟାଙ୍ଗି ଦେଲା

ରାଉରକେଲା , ୧୨/୧୦ (ନି.ପ୍ର): ବାପା ସାଜିଲା ସଇତାନ । ଯେଉଁ ହାତ ନିଜ ଛୁଆକୁ ସୁରକ୍ଷା ଦେବା କଥା, ସେହି ହାତରେ ତାର ତଣ୍ଟି ଚିପି ଦେଲା । ଦୁନିଆ କ'ଣ ଜାଣିବା ପୂର୍ବରୁ ମାତ୍ର ୪ ବର୍ଷର ନିରୀହ ଛୁଆର ଜୀବନ ନେଇ ଜଘନ୍ୟ କାଣ୍ଡ ଘଟାଇଲା ବାପା । ଏପରି ଏକ ସାଂଘାତିକ କାଣ୍ଡ ରାଉରକେଲା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ରାଉରକେଲା ସହରର କୁଲୁଙ୍ଗା ଫାଣ୍ଡି ଅନ୍ତର୍ଗତ ଗର୍ଜନ ପଞ୍ଚାୟତର ତୁମରନ ଗାଁରେ ଏପରି ଲୋମଟାଙ୍କୁରା ଘଟଣା ଘଟିଛି । ୪ ବର୍ଷର ପୁଅକୁ ହତ୍ୟା କରି ବାପା ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ▶▶ପୃଷ୍ଠା ୭

ଓଡ଼ିଶାକୁ କାହିଁକି ଆସୁନି ସିବିଆଇ ଓ ଇଡି: ଫେରାଦ ହେବେ ୨୨ ବିଜେପି ବିଧାୟକ

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ଅନ୍ୟ ରାଜ୍ୟରେ ଦୁର୍ନୀତି ହେଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ସିବିଆଇ ଯାଉଛି । କିନ୍ତୁ ଓଡ଼ିଶାକୁ କାହିଁକି ଆସୁନି ବୋଲି ବିଜେପି ବିଧାୟକ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି । ଆଉ ଓଡ଼ିଶାରେ ହେଉଥିବା ଦୁର୍ନୀତି ବାବଦରେ ବିଜେପିର ୨୨ଜଣିଆ ବିଧାୟକ ଦଳ ଖୁବଶୀଘ୍ର ଦିଲ୍ଲୀ ଯିବ ବୋଲି କହିଛନ୍ତି । ବିଧାୟକମାନଙ୍କ ଗସ୍ତର ତାରିଖ ଚୂଡ଼ାନ୍ତ ହୋଇନି । କିନ୍ତୁ ବିଜେପି ବିଧାୟକମାନେ ଦିଲ୍ଲୀ ଯାଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ସମେତ ନିର୍ବାଚନ କମିଶନ ଓ ବିଜେପି ରାଷ୍ଟ୍ରୀୟ ସଭାପତିଙ୍କୁ ଭେଟି ▶▶ପୃଷ୍ଠା ୭

ଚିଟ୍‌ଫଣ୍ଡ ସଂସ୍ଥା କୋଲକାତା ଓ୍ୱେର ଇଣ୍ଡଷ୍ଟ୍ରିଜ୍‌ର ଶାଖା ପରିଚାଳକଙ୍କୁ ଜେଲ୍

ବାଲେଶ୍ୱର, ୧୨/୧୦ (ନି.ପ୍ର): ଜମାକାରୀଙ୍କଠାରୁ ଟଙ୍କା ହଡ଼ପ ମାମଲାରେ ଚିଟ୍‌ଫଣ୍ଡ ସଂସ୍ଥା କୋଲକାତା ଓ୍ୱେର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଶାଖା ପରିଚାଳକ ତଥା ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ମାନଗୋବିନ୍ଦପୁର ଅଞ୍ଚଳର ସଂଗ୍ରାମ କେଶରୀ ପାତ୍ର (୪୧)ଙ୍କୁ ଆଜି ୩ ବର୍ଷ ଜେଲ୍ ଓ ୬୧ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି ବାଲେଶ୍ୱର ସ୍ୱତନ୍ତ୍ର ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ ଦାସ । ଜରିମାନା ଅନାଦେୟ ଅଧିକ ୯ ମାସ ଜେଲ୍‌ଦଣ୍ଡ ଭୋଗିବାକୁ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସୂଚନାଥାଉକି, ଜମାକାରୀଙ୍କୁ ଲୋଭନୀୟ ସ୍କିମ୍ ଦେଖାଇ କୋଲକାତା ଓ୍ୱେର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (କ୍ୱିଲ୍) ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଶାଖା କାର୍ଯ୍ୟାଳୟ ଖୋଲି ଏଜେଣ୍ଟମାନଙ୍କ ଜରିଆରେ ବିପୁଳ ପରିମାଣର ଅର୍ଥ ସଂଗ୍ରହ କରିଥିଲା । ଅନୁରୂପ ଭାବେ ମୟୂରଭଞ୍ଜ ଉଦଳାରେ ▶▶ପୃଷ୍ଠା ୭

ବିଜେଡି ପଦଯାତ୍ରାରେ ମନ୍ତ୍ରୀ କହିଲେ, 'ନିତ୍ୟାନନ୍ଦ ନୁହଁନ୍ତି, ବସ୍ତାରୁ ଲଢ଼ିବେ ସୁବାସିନୀ'

ବାଲେଶ୍ୱର, ୧୨/୧୦ (ନି.ପ୍ର): ନିତ୍ୟାନନ୍ଦ ସାହୁ ନୁହଁନ୍ତି, ବସ୍ତା ବିଧାନସଭା ଆସନରେ ବିଜେଡିରୁ ଲଢ଼ିବେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ପତ୍ନୀ ସୁବାସିନୀ ଜେନା । ନିର୍ବାଚନ ତାରିଖ ଘୋଷଣା ନ ହେଉଣୁ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏଭଳି ଖୋଲାଖୋଲି ଘୋଷଣା କରିଛନ୍ତି । ଗତକାଲି ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ହୋଇଥିଲା । ଏହି ସମୟରେ ନିଜ ମନ୍ତବ୍ୟ ରଖିବାବେଳେ ମନ୍ତ୍ରୀ କହିଥିଲେ, ଆଗାମୀ ନିର୍ବାଚନରେ ବସ୍ତା ନିର୍ବାଚନ ମଣ୍ଡଳୀରେ ଦାୟିତ୍ୱ ନେବେ ବାଲିଆପାଳ ମାଟିର ଓ ବସ୍ତା ନିର୍ବାଚନ ମଣ୍ଡଳୀର ଝିଅ ଶ୍ରୀମତି ସୁବାସିନୀ ଜେନା ମହୋଦୟା । ଅଶ୍ୱିନୀଙ୍କ ଏହି ମନ୍ତବ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀ ନୁହେଁ ବରଂ ବାଲେଶ୍ୱର ରାଜନୀତିରେ କଂପନ ସୃଷ୍ଟି ହୋଇଛି । ଏଥିସହ ବାଲେଶ୍ୱର ଜିଲ୍ଲାରେ ବିଜେଡି ଗୋଷ୍ଠୀ କନ୍ଦଳ ପୁଣି ପଦାରେ ପଡ଼ିଛି । ଗତକାଲି ବସ୍ତା ନିର୍ବାଚନ ମଣ୍ଡଳୀର ମୁକୁଳିଶି ଚନ୍ଦନ ପଡ଼ିଆରେ ବିଜେଡି ଜନସମ୍ପର୍କ ପଦଯାତ୍ରା ଆୟୋଜନ କରାଯାଇଥିଲା । ଏହି ସମାବେଶରେ ବ୍ଲକ୍? ବିଜେଡି ସଭାପତି ଅନୀଲ୍ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର, ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ପ୍ରତାପ ଦେବ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏବଂ ରାଜ୍ୟ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ହେଲେ ଘରଠାରୁ ମାତ୍ର ୨୦୦ ମିଟର ଦୂରରେ ହୋଇଥିଲା ଜନସମ୍ପର୍କ ପଦଯାତ୍ରାରେ ବର୍ତ୍ତମାନର ବିଧାୟକ ନିତ୍ୟାନନ୍ଦ ସାହୁ ଉପସ୍ଥିତ ନଥିଲେ । ▶▶ପୃଷ୍ଠା ୭

ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହ ଯୋଡ଼ିବ: ମୁଖ୍ୟମନ୍ତ୍ରୀ

ମାଲକାନଗିରି/ଭୁବନେଶ୍ୱର, ୧୨/୧୦ (ନି.ପ୍ର): ମାଲକାନଗିରି ମୋର ଅତି ପ୍ରିୟ । ମାଲକାନଗିରି ହିଁ ଓଡିଶା ବିକାଶର ଲଞ୍ଚ ପ୍ୟାଡ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଆଜି ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ୍ ଯୋଜନା ଶୁଭାରମ୍ଭ କରି ଏହା କହିଛନ୍ତି । ଏହି ଅବସରରେ ଯୋଜନାର ପ୍ରଥମ ବସ୍‌ରେ ୧୦ ଟଙ୍କା ଦେଇ ପ୍ରଥମ ଟିକେଟ୍ କିଣି ମାଲକାନଗିରିରୁ ଏମ୍.ଭି- ୦୩ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଯାତ୍ରା କରି ସେଠାରେ ବିକ୍ୟୁଏସ୍‌ର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ଉଚ୍ଛସିତ ଜନତାଙ୍କ ତାଳି, ସ୍ୱାଗତମ୍ ଧ୍ୱନି ଓ ମହିଳାମାନଙ୍କ ହୁଳହୁଳି ଧ୍ୱନି ମଧ୍ୟରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ "ମାଲକାନଗିରିରୁ ହିଁ ଏକ ଟଙ୍କିଆ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପରି ପ୍ରମୁଖ ଯୋଜନା ଆରମ୍ଭ କରିଥିଲି । ଆଜି ପୁଣି ଥରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା 'ଲକ୍ଷ୍ମୀ ଯୋଜନା' ଆରମ୍ଭ କରି ମୁଁ ବହୁତ ଖୁସି"। ଓଡିଶାର ବିକାଶରେ ମାଲକାନଗିରିର ଭୂମିକା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧରେ ଆମେରିକାର ଏଟ୍ରିଂ: ବଢ଼ିଲା ଇସ୍ରାଏଲର ବଳ, ଆମେରିକା ପଠାଇଲା ଯୁଦ୍ଧାସ୍ତ୍ର

ନୂଆଦିଲ୍ଲୀ, ୧୨/୧୦ (ନି.ପ୍ର): ଭିଓ-ଇସ୍ରାଏଲ ଓ ପାଲେଷ୍ଟାଇନ ଯୁଦ୍ଧ ଉଗ୍ର ରୂପ ନେଉଥିବାବେଳେ ଏବେ ଏଂଟ୍ରି କରିଛି ଆମେରିକା । ଇସ୍ରାଏଲକୁ ସମର୍ଥନ ଜଣାଇ ଯୁଦ୍ଧାସ୍ତ୍ର ଯୋଗାଣ ଆରମ୍ଭ କରିଛି । ବୁଧବାର ନେଭାଟିମ ବିମାନବନ୍ଦରରେ ଯୁଦ୍ଧାସ୍ତ୍ରର ପ୍ରଥମ ବ୍ୟାଚ୍ ପହଁଚିଥିବା ସୂଚନା ମିଳିଛି । ଜଳପଥ ଓ ଆକାଶପଥ ଇସ୍ରାଏଲକୁ ବିପୁଳମାତ୍ରାର ଘାତକ ଓ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ପଠାଇଛି ଆମେରିକା । ଇସ୍ରାଏଲକୁ ଖୋଲା ସମର୍ଥନ ଜଣାଇବା ସହ ହମାସକୁ ବାରମ୍ବାର କଡ଼ା ଚେତାବନୀ ଦେଉଛି ଆମେରିକା । ରାଷ୍ଟ୍ରପତି ଜୋ ବାଇଡେନ ଇରାନ ଓ ଯେଉଁ ଦେଶ ହମାସକୁ ସମର୍ଥନ ଜଣାଉଛନ୍ତି ତାଙ୍କୁ ମଧ୍ୟ ଏଥିରୁ ଦୂରେଇ ରହିବାକୁ ଚେତାବନୀ ଦେଇଛନ୍ତି । ସେପଟେ ଇସ୍ରାଏଲରେ ଗୁରୁବାର ପହଁଚିଛନ୍ତି ଆମେରିକା ବୈଦେଶିକ ସଚିବ ଆନଟ୍ଟୋନୀ ବ୍ଲିଙ୍କେନ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଂଜାମିନ ନେତନ୍ୟାହୁଙ୍କୁ ଭେଟିବା ସହ ସାମରିକ ସମର୍ଥନ ବାବଦରେ ଆଲୋଚନା କରିବେ । ଯଦି ନଜର ପକାଇବା ଇସ୍ରାଏଲର ବର୍ତମାନ ସ୍ଥିତି ଉପରେ ତେବେ ଏକଥା ସତ କି ଏହି ଯୁଦ୍ଧ ଇସ୍ରାଏଲ ପାଇଁ ସେତିକି ସହଜ ହେବନି । ଇସ୍ରାଏଲକୁ ବିରୋଧ କରୁଛି ଇରାନ । ସେପଟେ ଲେବାନନ ଆତଙ୍କୀ ସଂଗଠନ ହେଜବୁଲ ହମାସକୁ ସମର୍ଥନ ଜଣାଇ ଯୁଦ୍ଧକୁ ଓହ୍ଲାଇଛି । ଇସ୍ରାଏଲକୁ ଉଭୟ ପଟୁ ମୁକାବିଲା କରିବାକୁ ପଡୁଛି । ଏହି ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇପାରିବନି ଯେ କୌଣସି ମୁହୂର୍ତ୍ତରେ ସିରିଆ, ଇଜିପ୍ଟ, ସୁଦାନ, ଜୋର୍ଡାନ, ସାଉଦିଆରବ ▶▶ପୃଷ୍ଠା ୭

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଅନୁଷ୍ଠିତ

ଭବାନୀପାଟଣା , ୧୨/୧୦ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆଜି ସ୍ଥାନୀୟ ଟାଉନହଲ ଠାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୩' ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଭବାନୀପାଟଣା ଉପଜିଲ୍ଲାପାଳ ଡ଼.ବିଶ୍ୱଜିତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ରୂପେଶ ହୋତା, ସଦସ୍ୟ ସଞ୍ଜୟ କୁମାର, ଭାରତ ପଣ୍ଡା, ଅଶୋକ ଚୌଧୁରୀ, ସଦସ୍ୟା ବସନ୍ତ ପଟ୍ଟନାୟକ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ଭବାନୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହକ କାର୍ଯ୍ୟକ୍ରମ ରେ ଜିଲ୍ଲାର ୧୩ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନର ଦୁଇଶହ ଅନ୍ତେବାସୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନ୍ତେବାସୀ ମାନଙ୍କ ମଧ୍ୟରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ କ୍ୟୁଜ, ଚିତ୍ରଙ୍କନ, ବକ୍ତୃତା, ଏକକ ସଙ୍ଗୀତ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ରେ ଅୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲାପାଳ ପି.ଅନ୍ୱେଶା ରେଡ୍ଡୀ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଓ ସଦସ୍ୟ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା, ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ଶିଶୁ ମଙ୍ଗଳ ସମିତି ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଅତିଥି ଭାବରେ ଯୋଗଦେଇ କୃତି ଅନ୍ତେବାସୀ ମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅନ୍ତେବାସୀ ବରିଷ୍ଠ ବିଭାଗର ଚିତ୍ରଙ୍କନରେ ପ୍ରଥମ ଡମ୍ବରୁ ମଝି, ଏକକ କଣ୍ଠ ସଂଗୀତରେ ଭୂମିସୁତା ନାଏକ, ବକ୍ତୃତା ରେ ସୁରମା ଜାଲ, କ୍ୟୁଜରେ ଦେବକି ନାଏକ, ଦଳଗତ ନୃତ୍ୟରେ ନେହେରୁ ସେବା ସଂଘ ଓ କନିଷ୍ଠ ବିଭାଗରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିତ୍ରଙ୍କନ ରେ ମଣ୍ଟୁ ମାଝି, ଏକକ କଣ୍ଠ ସଂଗୀତରେ ଶମ୍ଭୁ ମାଝି, ବକ୍ତୃତାରେ ଗୋବିନ୍ଦ ଦାଶ, କ୍ୟୁଜ ରେ ଗୁଲଶନ କୁମାର ଓ ଦଳଗତ ନୃତ୍ୟରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ମହକ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଅବସରରେ ଆନ୍ତଃର୍ଜାତିକ ଶିଶୁ କନ୍ୟା ଦିବସ ମଧ୍ୟ ଅୟୋଜିତ ହୋଇଥିଲା ଓ ଜିଲ୍ଲାର ୧୩ ଗୋଟି ବ୍ଲକର ବୋର୍ଡ, ସିବିଏସଇ ଓ ଆଇସିଏସଇ ପରୀକ୍ଷାରେ ଦଶମ ଶ୍ରେଣୀରେ ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ସହ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲାା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଭାରପ୍ରାପ୍ତ ଆନୁଷ୍ଠାନିକ ଯତ୍ନ ଅଧିକାରୀ ଅଂଶୁମାନ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଣ ଆନୁଷ୍ଠାନିକ ଯତ୍ନ ଅଧିକାରୀ ରାଜଲକ୍ଷ୍ମୀ ଦାଶ, ଶୁଭାଶିଷ ପାଣିଗ୍ରାହୀ, ସୁଧାଂଶୁ ମହାପାତ୍ର, ପ୍ରତୀକ ପଟ୍ଟନାୟକ, ଜୟଶ୍ରୀ ପାଣି, ଗୁରୁ ପ୍ରସାଦ ନାଏକ, ଅବିନାଶ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟସ ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୧୨/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଡଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରତ୍ନାକର ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ସୁରଭି ଏବଂ ଓଡିଶା ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ପାବନି କୁମାର ରାଉତ ଓ ବିଶିଷ୍ଟ ଅତିଥି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡଃ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଗଣେଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜମଧର ଗ୍ରାମପଂଚାୟତର ସରପଂଚ ରାଜକିଶୋର ଖୁଂଟିଆ, ସମିତିସଭ୍ୟ ଦେବାଶିଷ ଦାସ, ମୋ ସ୍କୁଲ ଅଭିଯାନର ଅଧକ୍ଷ ଗଜେନ୍ଦ୍ର ମହାନ୍ତି, ବଡଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ବେହେରା ଓ ଆ ଳିକ ସାଧନ କେନ୍ଦ୍ର ସଂଯୋଜକ ଅନନ୍ତ କୁମାର ପରିଡାଙ୍କ ଯୋଗଦେଇ ବିଦ୍ୟାଳୟ ପରିସରରେ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସ ଓ ମହାତ୍ମାଗାନ୍ଧୀଙ୍କ ପ୍ରତିର୍ମୂ ଉନ୍ମୋଚନ କରିଥିଲେ। ଆ ଳିକ ସାଧନକେନ୍ଦ୍ରର ସଂଯୋଜକ ଉତ୍ସବର ସଂଯୋଜନା କରିବା ସହ ସୁରଭି ସମ୍ପର୍କରେ ତଥ୍ୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଶିଶୁ ମହୋତ୍ସବ ସୁରଭି ସମ୍ପର୍କରେ ବକ୍ତବ୍ୟ ରଖି ଶିଶୁମାନଙ୍କର ପ୍ରତିଭା ବିକାଶର ଏହା ଏକ ମାର୍ଗ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ଦେବେନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆ ଳିକ ସାଧନକେନ୍ଦ୍ରର ସଂଯୋଜକ ଶ୍ରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶିବନାରାୟଣ ମହାନ୍ତି, ଦୁଃଶାସନ ରାଉତ, ରାଜେନ୍ଦ୍ର ସାହୁ, ସୁଧାଂଶୁ ଶେଖର ସାମଲ, ନିହାର ରଞ୍ଜନ ମହାନ୍ତି, ନାରାୟଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରୀ ଚରଣ ବେହେରା, ମନୋଜ ମହାନ୍ତି, ଶିକ୍ଷୟିତ୍ରୀ ଦିପ୍ତୀବାଳା ମହାନ୍ତି, ରଶ୍ମୀତା ରାଉତ, ତିଳୋତମା ନାୟକ, ସଂଯୁକ୍ତା ଦାସ, ରତ୍ନପ୍ରଭା ସାମଲ, କଳ୍ପନା ସାହୁ, ସାଗରିକା ନାୟକ, ମଧୁସ୍ମିତା ରାଉତ, ଶୁଭଦର୍ଶିନୀ ପଣ୍ଡା, ପ୍ରଦୀପ୍ତା ପ୍ରିୟଦର୍ଶିନୀ ସାହୁ, ସେକ ଫାୟାଜୁଦ୍ଦିନ, ପାର୍ବତୀ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆନ୍ତର୍ଜାତୀୟ ମିଲେଟ ବର୍ଷ ୨୦୨୩ ପାଳିତ

ଖୋର୍ଦ୍ଧା, ୧୨/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ମିଲେଟ ୨୦୨୩ ପାଳନ ଅବସରରେ ମିଲେଟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହି ପ୍ରତିଯୋଗିତାକୁ ଉଦ୍ଘାଟନ କରିବା ସହ ପ୍ରତ୍ୟେକ ଘରେ ମିଲେଟର ଖାଦ୍ୟ ପ୍ରସ୍ତୁତି କରି ପୂନର୍ବାର ମିଲେଟ ଖାଦ୍ୟ ଥାଳିକୁ ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ମହିଳା ସ୍ୱୟଂ ସହାୟକ୍ ଗୋଷ୍ଠି,ମହିଳା ମହାବିଦ୍ୟାଳୟର ଛାତ୍ରୀ ଏବଂ ଆଗ୍ରହୀ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ମାଣ୍ଡିଆ, କୋଦବାଜରା, ଚିନାକାଙ୍କୁ ଇତ୍ୟାଦିରେ ୧୦୦ ରୁ ଉର୍ଦ୍ଧ୍ୱ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା । ଏଥିରେ ଦେବଜାନୀ ଦାଶ ପ୍ରଥମ୍ ପୁଷ୍ପଲତା ବେହେରା ଦ୍ୱିତୀୟ ଏବଂ ସୋନାଲି ସ୍ୱର୍ଣ୍ଣଲତା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପରିଡା,ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଦିଗାମ୍ବର ବିଶ୍ୱାଳ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ନିରୁପମା ପାଣୀ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଉର୍ମିଳା ମହାପାତ୍ର, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଯସୋବନ୍ତ ପ୍ରଧାନ ଅତିରିକ୍ତ ମତ୍ସ ସଂପଦ ଅଧିକାରୀ ଅଜୟ କୁମାର ବଡତିଆ ଏବଂ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶୀତା ମହାନ୍ତି ପ୍ରମୁଖ ଅତିଥୁରୁପେ ଅଂଶ ଗ୍ରହଣ କରି ସୁସ୍ଥ ତଥା ନିରାମୟ ଜୀବନ ଶୈଳି ନିମନ୍ତେ ପୁଷ୍ଟିଶସ୍ୟର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଣପୁର,ଟାଙ୍ଗୀ ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଓଡିଶା ମିଲେଟ ମିସନର ଜିଲ୍ଲା ସଂଯୋଜକ ଜେସିକା ସାହୁ,ହିସାବ ରକ୍ଷକ ସୁରେନ୍ଦ୍ର କୁମାର ପରିଡାଆତ୍ମା ହିସାବ ରକ୍ଷକ ସତ୍ୟଜିତ ପ୍ରତାପ ସିଂ ସମେତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

କେନ୍ଦୁଝରରେ ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର , ୧୨/୧୦ (ନି.ପ୍ର): ଆଜି କେନ୍ଦୁଝର ରେ ନାବାଳିକା ଦୁଷ୍କର୍ମକାରୀ ଅଭିଯୁକ୍ତ ମହାଟୁଡୁ କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୩ ହଜାର ଟଙ୍କା ଜୋରିମାନ ଆଦେଶ ଦେଇଛନ୍ତି କେନ୍ଦୁଝର ସ୍ୱତନ୍ତ୍ର ପୋକ୍ସ କୋର୍ଟ । ଏବଂ ଏଥିସହ ନାବାଳିକାକୁ ମଧ୍ୟ ୬ ଲକ୍ଷ ଟଙ୍କା ସରକାରୀ ଅନୁକମ୍ପା ରାଶି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର କୋର୍ଟ । ଗତ ୨୦୧୯ ମସିହା ରେ ଆନନ୍ଦପୁର ଥାନା ଅଂଚଳରେ ଘଟିଥିଲା ଏହି ଘଟଣା । ଜଣେ ନାବାଳିକା ତାର ପିଉସୀ ଘରକୁ ଗାଁକୁ ବୁଲି ଯାଇଥିବା ସମୟରେ ସେଠାରେ ପଡିଥିବା ଏକ ମେଳା ଦେଖିବାକୁ ଯାଇଥିଲା । ଯେଉଁଠାରେ ନାଚଗୀତ ଚାଲିଥିଲା । ସେଠାରେ ମହାଟୁଡୁ ସହ ସେହି ନାବାଳିକାଟିର ଦେଖା ହେବା ପରେ ସେହି ମେଳାର ନାଚରେ ଦୁହେଁ ଅନେକ ସମୟ ଧରି ନାଚି ଥିଲେ । ପରେ ପରେ ତାକୁ ତା ଘରେ ଛାଡି ଦେବ ବୋଲି କହି ଅଭିଯୁକ୍ତ ତାକୁ ମେଳାରୁ ଡାକି ଆଣିଥିଲା ଏବଂ ନାବାଳିକାଟିକୁ ଜୋରଜବରଦସ୍ତ ସାନପୁରୁଣାପାଣି ଗାଁ ସ୍ଥିତ ନିଜ ଘରକୁ ନେଇଯାଇଥିଲା ଏବଂ ସେଠାରେ ତାସହ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା । ବହୁତ ଖୋଜାଖୋଜି ପରେ ଖବର ନେଇ ନାବାଳିକାର ପରିବାର ମହାଟୁଡୁ ଘରେ ଯଦିଓ ପହଂଚି ଥିଲେ କିନ୍ତୁ ମହାଟୁଡୁ ସେମାନଙ୍କୁ ବାଡେଇ ତଡିଦେଇଥିଲା । ପରେ ପରବାର ଲୋକମାନେ ପୋଲିସର ସହୟତାରେ ମହାଟୁଡୁ ଘରୁ ନାବାଳିକାକୁ ଉଦ୍ଧାର କରିଥିଲେ । ଏବଂ ଝିଅର ଅଭିଯୋଗ ଆଧାରରେ ପୋଲିସ କେଶ ରୁଜୁ କରିଥିଲା । ଏହି ମାମଲାର ବିଚାର କରି ୧୬ ଜଣ ସାକ୍ଷୀ ଙ୍କ ବୟାନ ଓ ପ୍ରମାଣକୁ ଭିତି କରି ଅଭିଯୁକ୍ତ ମହାଟୁଡୁ ୨୦ ବର୍ଷର ସଶ୍ରମ କାରଦଣ୍ଡ ଶୁଣାଇଛନ୍ତି ମାନ୍ୟବର ପୋକ୍ସ କୋର୍ଟ । ଏଥିରେ ସରକାରୀ ଓକିଲ ଗଣେଶ ପ୍ରସାଦ ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ ।

ଦୋକାନଗୃହ ବେଆଇନ ଆବଂଟନ ରଦ୍ଦ ଦାବି

ପୁରୀ, ୧୨/୧୦ (ନି.ପ୍ର): ଜଗନ୍ନାଥ ବଲ୍ଲଭ ଦୋକାନ ଘର ବେଆଇନ ଭାବେ ହୋଟେଲ ମାଲିକକୁ ମିଳିଥିବା ଅନୁମତି କୁ ରଦ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛି ଆପ ଛଜଗନ୍ନାଥ ବଲ୍ଲଭ ଦୋକାନ ଘର ଓଡ଼ିଶାର ହସ୍ତ ଶିଳ୍ପ କୁ ପ୍ରୋତ୍ସାହନ ପାଇଁ କୋଟି କୋଟି ଟଙ୍କା ଖର୍ଚ ହୋଇ ନିର୍ମାଣ ହୋଇଥିଲା । ପରବର୍ତୀ ସମୟରେ ଶ୍ରୀମନ୍ଦିର ଚତୃପାର୍ଶ୍ୱ ଉଚ୍ଛେଦ ହେବାରୁ ସୁନା ଦୋକାନୀ ଙ୍କୁ ଅସ୍ଥାୟୀ ଭାବେ ଏକ ବର୍ଷ ପାଇଁ ଦିଆ ଯାଇଥିଲା । ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ ସୁନା ଦୋକାନୀଙ୍କ ସ୍ଥାୟୀ ବ୍ୟବସ୍ଥା ହୋଇନଥିବାରୁ ସେମାନେ ଏଠାରେ ସ୍ଥାୟୀ ଭାବେ ରହିଲେଣି । ସବୁଠୁ ବଡ଼ ବ୍ୟତିକ୍ରମ ଏବେ ଜଗନ୍ନାଥ ବଲ୍ଲଭ ର ଉପର ଦୁଇଟି ମହଲା କୁ ଏକ ଘରୋଇ ହୋଟେଲ ମାଲିକ ହାତରେ ଟେକିଦିଆଯାଇଛି । ଯିଏ ସରକାରୀ ଜମି ବେଳା ଭୂମିରେ ମାଡ଼ି ବସିଛି । ଏହି ବେସରକାରୀ ସଂସ୍ଥା ଏହି କୋଠାର ମୂଳ ଢାଂଚାକୁ ପରିବର୍ତନ କରି ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସ ନାମରେ ବ୍ୟବସାୟୀ କରଣ କରିଚାଲିଛି । ଏପଟେ ବର୍ଷେ ରୁ ଉର୍ଦ୍ଧ ଜଗନ୍ନାଥ ବଲ୍ଲଭ ଟ୍ରଷ୍ଟ କାର୍ଯ୍ୟକାରୀ ନଥିବାରୁ ଏହି ସୁଯୋଗରେ କିଛି ସରକାରୀ କର୍ମଚାରୀ ନିୟମକୁ ବ୍ୟତିକ୍ରମ କରି ଏଭଳି କାର୍ଯ୍ୟ କରୁଥିବା ଆପ୍ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି । ଯଥାଶୀଘ୍ର ଘରୋଇ ସଂସ୍ଥା କୁ ମିଳିଥିବା ଅନୁମତି କୁ ରଦ୍ଦ ସହ ଓଡ଼ିଶାର ହସ୍ତଶିଳ୍ପୀ ଙ୍କୁ ସେଠାରେ ଥଇଥାନ କରିବା ପାଇଁ ଆଜି ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତିଙ୍କ ନେତୃତ୍ୱରେ ଏକ ଦାବିପତ୍ର ଆପ୍ ତରଫରୁ ଜିଲ୍ଲାପାଳଙ୍କୁ ଦିଆଯାଇଛି ଛନିର୍ମାଣ ମୂଳ ଢାଂଚାରେ ପରିବର୍ତନକୁ କିଏ ଆଉ କାହିଁକି ଅନୁମତି ଦେଇଛି ତାର ତଦନ୍ତ ଦାବି କରିଛି ଆପ୍।

ରାଜ୍ୟ ମିଳିତ ଅମଲା ମଂଚ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଜୟପୁର , ୧୨/୧୦ (ନି.ପ୍ର): ରାଜ୍ୟ ମିଳିତ ଅମଲା ମଂଚ ର କାର୍ଯ୍ୟ କାରିଣୀ ବୈଠକ ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରାହଳୟ ଜୋବ୍ରା କଟକ ଠାରେ ଅନୁଷ୍ଠିତ ହୋଇଯାଇଅଛି, ଉକ୍ତ ବୈଠକରେ ରାଜ୍ୟ ମିଳିତ ଅମଲା ମଂଚ ଅଧକ୍ଷ ଶ୍ରୀ ନାରାୟଣ ଦାଶ୍ ସଭାପତିତ୍ୱ କରିଥିଲେ । ରାଜ୍ୟ ମିଳିତ ଅମଲା ମଂଚ ଆବାହକ ଶ୍ରୀ ଚିତରଞ୍ଜନ ତରାସିଆ ଙ୍କ ଆହ୍ୱାନ କ୍ରମେ ଓଡ଼ିଶା ର ସମଗ୍ର ୩୦ ଗୋଟି ଜିଲ୍ଲାର ଆବାହକ ଓ ଅଧକ୍ଷ ଯୋଗଦାନ କରିଥିଲେ। ରାଜ୍ୟ ଟ୍ରେଜେରି ଅମଲା ସଂଘ ସଭାପତି, ସମ୍ପାଦକ, ନିବନ୍ଧକ ଅମଲା ସଂଘ ସଭାପତି, ସମ୍ପାଦକ ଓ ରାଜ୍ୟ ରାଜସ୍ୱ ଅମଲା ସଂଘ ସମ୍ପାଦକ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କନିଷ୍ଠ ସହାୟକ ମାନଙ୍କ ଏକମାତ୍ର ଦାବି ୪୨୦୦/- ଗ୍ରେଡ ପେ ଦାବି ପୁରଣ କରିବା ପାଇଁ ପ୍ରତିଶ୍ରୁତି ଦେଇ ଥିବା ସ୍ଥଳେ ୪ ମାସ ଅତିକ୍ରମ କରିଯାଇଥିଲେ ସୁଦ୍ଧା ସରକାର ଦାବି ପୁରଣ କରିବା ଦିଗରେ ବିଳମ୍ବ ଯୋଗୁଁ ସମସ୍ତ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିବା ସହ ୨୫ ତାରିଖ ସୁଦ୍ଧା ଯଦି ଅମଲା ମାନଙ୍କ ଦାବି ପୁରଣ ନ ହୁଏ ତାହେଲେ ୨୬ ତାରିଖରୁ ସମସ୍ତ ଜିଲ୍ଲା ସ୍ତରୀୟ ଅମଲା ସମୁହ ଛୁଟିରେ ରହିବା ସହିତ ପୁଣିଥରେ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ନିଷ୍ପତି ନିଆଯାଇଥିବା ସୁଚନା ମିଳିଛି । ଉକ୍ତ ବୈଠକରେ କୋରାପୁଟ ଜିଲ୍ଲା ତରଫରୁ ଶ୍ରୀ ଶଶୀଭୂଷଣ ଦାଶ ସଭାପତି ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ସଭାପତିତ୍ୱ କରିଥିବା ସ୍ଥଳେ, ଶ୍ରୀ ନିତ୍ୟାନନ୍ଦ ଭତ୍ରା ସମ୍ପାଦକ ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ତାଙ୍କର ପକ୍ଷ ରଖିଥିଲେ ।

ଖୋର୍ଦ୍ଧାରେ ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ

ଖୋର୍ଦ୍ଧା, ୧୨/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ବାଳିକା ଦିବସ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାର ୨୬ ଜଣ ମନୋନୀତି ସଖି ଓ ସହେଲି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ବାଳିକା ଶିକ୍ଷାର ଗୁରୁତ୍ୱ ତଥା ଅଧା ପାଠନ ଛାଡିବା ପାଇଁ ପିଲା ମାନେ କଣ କରିବେ ସେନେଇ ପିଲା ମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏଥିରେ ୩ ଜଣ କୃତୀ ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା। ଅଂଶ ଗ୍ରହଣ କରିଥିବା ସମସ୍ତ ପିଲା ମାନଙ୍କୁ ମାନପତ୍ର ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତା ର ବିଚାରକ ଭାବରେ ସୁଷମା ମହାନ୍ତି, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୂରଥ ବିଶ୍ୱାଳ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ମମତା, ବାଣୀଶ୍ରୀ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥ୍ୟ ଭାବେ ଖୋର୍ଦ୍ଧା ଜିଲ୍ଲାପାଳ କେ। ସୁଦର୍ଶନ ଚକ୍ରବର୍ତୀ ଯୋଗ ଦେଇ ପିଲା ମାନଙ୍କୁ ପାଠ ପଢାର ମହତ୍ୱ ଉପରେ ବୁଝେଇଥିଲେ। ଝିଅ ଜନ୍ମ ଭଗବାନଙ୍କ ଏକ ଆଶୀର୍ବାଦ ବୋଲି କହିଥିଲେ ଖୋର୍ଦ୍ଧା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୂପମା ପାଣି । ସେ ପିଲା ମାନଙ୍କୁ ସୁଷମ ଖାଦ୍ୟ ଖାଇବା, ଶିକ୍ଷା ତଥା ବାପା ମା ଆଉ ଗୁରୁଜନ ମାନଙ୍କୁ ସମ୍ମାନ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶୁକ୍ରବାର, ଅକ୍ଟୋବର ୧୩, ୨୦୨୩

ତେଲ ମାଲିସ୍‌ର ଆବଶ୍ୟକତା

ଶରୀରରେ ତେଲ ମାଲିସ୍ କରିବା ଦ୍ୱାରା ଶରୀର ଶକ୍ତିଶାଳୀ ଓ ଚର୍ମ କୋମଳ ହୋଇଥାଏ । ଶରୀରରେ ତେଲ ଲଗାଇବା ପୂର୍ବରୁ ପ୍ରଥମେ ଶୁଖିଲା ଲୁଗା ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଭଲଭାବେ ମାଲିସ୍ କରିବା ଦରକାର । କାରଣ ତେଲ ଲଗାଇବା ପୂର୍ବରୁ ଶରୀରର ଲୋମକୋଷଗୁଡ଼ିକ ବନ୍ଦ ଥାଏ । ଏହା କରିବା ଦ୍ୱାରା ଲୋମକୋଷ ଖୋଲିଥାଏ ।

ନିୟମିତ ତେଲ ମାଲିସ୍ ଦ୍ୱାରା ଶରୀରର କୌଣସି ଅଙ୍ଗ କେବେ ହେଲେ କୁଣ୍ଡାଇ ହୋଇ ନଥାଏ । ଶରୀରକୁ ବାତ ପ୍ରକୋପରୁ ହେବାକୁ ଥିବା ରୋଗରୁ ବଂଚାଇଥାଏ । ଚର୍ମ ବାତରେ ସ୍ଥାନ ହୋଇଥାଏ । ଚର୍ମରେ ଲୋମ କୋଷ ଅଧିକ ଥିବା କାରଣରୁ ପିତ ଗରମ ରହିଥାଏ । ଏହି ଗରମ କାରଣରୁ ଚର୍ମରେ ଲଗାଯାଇଥିବା ତେଲ ଶରୀରରେ ମିଶିଯାଇ ବାତକୁ ଶାନ୍ତ କରିଥାଏ । ଏହାଦ୍ୱାରା ମୟ ପୂର୍ବରୁ ବୃଦ୍ଧାବସ୍ଥା, ଥକ୍କାଲାଗିବା, ଚର୍ମ କୁଂଚାହେବା, ଚର୍ମର ଶୁଷ୍କକତା ଆଦି ରୋଗ ଦୂର ହୋଇଥାଏ ।

ଦୃଷ୍ଟିନିର୍ମଳ, ଶରୀର ପୁଷ୍ଟ, ଚର୍ମ କୋମଳ ଓ ଆକର୍ଷକ ବନିଯାଇଥାଏ । ଶରୀର ଦୁର୍ଗନ୍ଧ, ମଇଳା କୁଣ୍ଡାଇହେବା ଝାଳରୁ ବାହାରୁଥିବା ଗନ୍ଧ, ଭାରୀପଣଓ ନିସ୍ତେଜତା ଦୂର ହୋଇଯାଏ । ତେଲ ମାଲିସ କରାଯିବା ସହିତ ସୂର୍ଯ୍ୟ କିରଣରେ ତେଲ ମାଲିସ୍ କଲେଶୀଘ୍ର ତେଲ ଶରୀରରେ ମିଶିଯାଇଥାଏ । ଶରୀରରେ ପାଦରୁ ମସ୍ତିଷ୍କ ଆଡ଼କୁ କରିବା ଦ୍ୱାରା ରକ୍ତ ସଂଚାଳନ ଉର୍ଦ୍ଧ୍ୱଗାମୀ ହୋଇଥାଏ । ଦିନର ଅନ୍ୟ ସମସ୍ତ ସମୟ ରକ୍ତ ସଂଚାଳନ ନିମ୍ନଗାମୀ ହୋଇଥାଏ । କିନ୍ତୁ ମାଲିସ୍ କଲେ ମସ୍ତିଷ୍କ ଓ ହୃଦୟ ଆଡ଼କୁ ରକ୍ତର ଉପଯୁକ୍ତ ପ୍ରବାହ ସୁନିଶ୍ଚିତ ହୋଇଥାଏ । ପେଟର ମାଲିସ ହୃଦୟ ଆଡ଼କୁ କରାଯାଇଥାଏ । ତେଲ ମାଲିସ କରିବା ଦ୍ୱାରା ଚର୍ମର ସମସ୍ତ ରୋଗ ଦୂର ହେବା ସହିତ ମାଂସପେଶୀ ଓ ଅସ୍ଥି ମଜବୁତ ହୋଇଥାଏ । ସ୍ନାୟୁତନ୍ତ୍ର ଓ ନାଡ଼ିତନ୍ତ୍ର, ଦୁର୍ବଳତା ଓ ସନ୍ଧିବାତ ଦୂର ହୋଇଥାଏ । ପ୍ରତ୍ୟହ ସ୍ନାନପୂର୍ବରୁ ତେଲ ମାଲିସ୍ ନିଶ୍ଚିତ କରିବା ଦରକାର । ତେଲ ମାଲିସ ପାଇଁ ଶୁଦ୍ଧ ସୋରିଷ ତେଲଏବଂ ରାଶି ତେଲ ସର୍ବୋତ୍ତମ ହୋଇଥାଏ ।

ମୁଣ୍ଡରେ ତେଲ ଲଗାଇବା: ମୁଣ୍ଡରେ ପ୍ରତ୍ୟେକ ଦିନ ତେଲ ଲଗାଇଲେ ମୁଣ୍ଡ ଜନିତ ଥିବା ରୋଗ ଦୂର ହୋଇଥାଏ । ଲଗାଇଲେ କେଶ ଝଡ଼ିବା, ପାଚିବା, ମୁଣ୍ଡ ମଝିରେ କେଶ ଝଡ଼ିବା, ମୁଣ୍ଡବିନ୍ଧା, ମୁଣ୍ଡର ଉପରି ଭାଗରେ ଥିବା ଚର୍ମ ଫାଟିବା ଏବଂ ବାତ ଜନିତ ସମସ୍ତ ରୋଗ ଦୂର ହୋଇଥାଏ । ମୁଣ୍ଡ, ଆଖି, କାନ ଆଦି ଇନ୍ଦ୍ରିୟ ବଳଶାଳୀ ହୋଇଥାଏ । କେଶ ଲମ୍ବା, କଳା ଓ ମଜବୁତ ହୋଇଥାଏ ମୁଣ୍ଡରେ ରୂପି ସମସ୍ୟା ଦୂର ହୋଇଥାଏ । ଚେହେରାରେ ଚର୍ମର ତେଜ ଆସିଥାଏ । ରାଶି ତେଲ ମୁଣ୍ଡରେ ଲଗାଇଲେ ନିଦ ଭଲହୁଏ । ମୁଣ୍ଡରେ ଚର୍ମ ଜନିତ ସମସ୍ତ ରୋଗ ସମୂଳେ ନାଶ ହୋଇଥାଏ ।

ପାଦରେ ତେଲ ଲଗାଇବା: ପାଦରେ ପ୍ରତିଦିନ ତେଲ ଲଗାଇବା ଦ୍ୱାରା ବହୁତ ଲାଭ ହୋଇଥାଏ । ଏହାଦ୍ୱାରା ପାଦର ଶୁଷ୍କତା, ପାଦ ଫାଟିବା, ପାଦରେ ଶିଥିଳତା, ଥକ୍କାପଣ, ପାଦରେ ରକ୍ତ ବହିବା ଓ ସ୍ନାୟୁତନ୍ତ୍ରରେ ଜଟିଳତା, ସିୟାଟିକା ଓ ବାତ ଜନିତ ରୋଗ ଦୂର ହୋଇଥାଏ । ପାଦର ବୃଦ୍ଧାଙ୍ଗୁଠି ଦୁଇଟିରେ ତେଲ ଲଗାଇଲେ ଆଖିର ଦୃଷ୍ଟିଶକ୍ତି ବୃଦ୍ଧି ହେବା ସହିତ ବୃଦ୍ଧାବସ୍ଥାରେ ଆଖିର ଜ୍ୟୋତି କମି ନଥାଏ । ଏହି ବୈଜ୍ଞାନିକ କାରଣରୁ ପୂର୍ବରୁ ଆମର ବିଦ୍ୱାନଗଣ ଧର୍ମର ଅଙ୍ଗ ମାନି ଶୌଚ ପରେ, ମୂତ୍ରତ୍ୟାଗ ପରେ, ଭୋଜନ ପୂର୍ବରୁ ପାଦ ଧୋଇ ପୋଛିଥାନ୍ତି ଓ ପୋଛି ସାରି ପାଦରେ ତେଲ ମାଲିସ କରି ସ୍ନାନ କରନ୍ତି । ରାତିରେ ପାଦରେ ତେଲ ଲଗାଇ ଶୋଇଲେ ଶରୀରର ଥକ୍କା ଦୂର ହେବା ସହିତ ନିଦ୍ରା ହୋଇଥାଏ ।

ଅଧିକ କଞ୍ଚା ଲଙ୍କା ଖାଉଛନ୍ତି କି ? ହୋଇଯାଆନ୍ତୁ ସାବଧାନ୍...

କଞ୍ଚା ଲଙ୍କା । ଖାଦ୍ୟର ସ୍ୱାଦ ବଢାଇଥାଏ । କିନ୍ତୁ ଅତ୍ୟଧିକ ଲଙ୍କା ଖାଇବା କେତେ ଠିକ୍ ? । ଆସନ୍ତୁ ଜାଣିବା... ବିଶେଷଜ୍ଞଙ୍କ ଅନୁଯାୟୀ କଞ୍ଚା ଲଙ୍କା ଶୁଖିଲା ଲଙ୍କା ଅପେକ୍ଷା ଅଧିକ ଲାଭଦାୟକ । କିନ୍ତୁ ଅଧିକ କଞ୍ଚା ଲଙ୍କା ଖାଇବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ । ଏହା ପେଟ ସମସ୍ୟାର ଏକ କାରଣ । ଅତ୍ୟଧିକ କଞ୍ଚା ଲଙ୍କା ଖାଇବା ଦ୍ୱାରା ପେଟ ଗ୍ୟାସ ହୋଇପାରେ ।

ସେହିପରି ଅଧିକ କଞ୍ଚା ଲଙ୍କା ଖାଇଲେ ପାଟି ଘା' ହୋଇଥାଏ । କଞ୍ଚା ଲଙ୍କା ଶରୀରରେ ଥିବା କ୍ୟାପସାଇସିନ୍ ଜୀବାଣୁକୁ ଦୁର୍ବଳ କରିଥାଏ । ଏହି କାରଣରୁ ଶରୀରରେ ସଂକ୍ରମଣର ଆଶଙ୍କା ଅଧିକ ରହିଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ ଅଧିକା ଲଙ୍କା ଖାଇବା ଦ୍ୱାରା ଟିବି ରୋଗ ହେବା ସହ ନିଦ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । କଞ୍ଚା ଲଙ୍କାର ଅଧିକ ବ୍ୟବହାର ରକ୍ତଚାପ ବୃଦ୍ଧି ସହ ହାର୍ଟ ଉପରେ ପ୍ରଭାବ ଏବଂ କିଡନୀ ଉପରେ ପ୍ରଭାବ ପକାଇପାରେ । ଏହା ବ୍ୟତୀତ କିଡନୀରେ ଷ୍ଟୋନ୍ ହେବାର ଆଶଙ୍କା ବଢ଼ିଥାଏ । କଞ୍ଚା ଲଙ୍କା ଅଧିକ ଖାଇଲେ ଓଜନ ବଢିଥାଏ । କାରଣ ଏହା ଭୋକ ବଢାଇଥାଏ । କଞ୍ଚା ଲଙ୍କାର ଅଧିକ ବ୍ୟବହାର ଆପଣଙ୍କ ଶରୀରରେ ରକ୍ତହୀନତା ସୃଷ୍ଟି କରିପାରେ । ଅନେକ ସବୁଜ ଚିଲି ଖାଇବା ଦ୍ୱାରା ଶରୀରରେ ଉତ୍ତାପ ବୃଦ୍ଧି ପାଇଥାଏ । ଏହା ଅନେକ ଲୋକଙ୍କ ପାଇଁ ଯନ୍ତ୍ରଣା, ଫୁଲା ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରେ ।

ଷ୍ଟ୍ରୋକ ଓ ପାରାଲିସିସ୍

ଷ୍ଟ୍ରୋକ ଓ ପାରାଲିସିସ୍ ଆଜିକାଲି ଏକ ସାଧାରଣ ରୋଗ ହେଲାଣି । ଭାରତରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବେଶି ଯେ, ଭାରତକୁ ଷ୍ଟ୍ରୋକ ରୋଗର ରାଜଧାନୀ କୁହାଯାଇଛି ।



ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାନରୀଗଣନାନୁସାରେ, ପୃଥିବିରେ ବର୍ଷକୁ ଦେଢ଼କୋଟି ଲୋକ ନୂତନ ଷ୍ଟ୍ରୋକ ରୋଗ ଭୋଗ କରନ୍ତି । ସେଥିରୁ ୫୦ଲକ୍ଷ ଲୋକ ପ୍ରାଣ ହରାଇଥିବା ବେଳ ୫୦ଲକ୍ଷ ଲୋକ ବିଭିନ୍ନ ପାରାଲିସିସ ରୋଗ ଭୋଗ କରନ୍ତି ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଅଚଳ ହୋଇପଡ଼ନ୍ତି । ଆଧୁନିକ ଚିକିତ୍ସା ବଳରେ ଅବଶିଷ୍ଟ ୫୦ଲକ୍ଷ ଲୋକଭଲ ହୋଇଥାନ୍ତି । ବର୍ତ୍ତମାନ ଅଚଳ ହୋଇପଡ଼ିଥିବା ପ୍ରାୟ ଛଅକୋଟି ଲୋକ ପୃଥିବୀରେ ଅଛନ୍ତି । ଏହି ସଂଖ୍ୟା ଓଡ଼ିଶା ଲୋକସଂଖ୍ୟାର ପ୍ରାୟ ଦେଢ଼ଗୁଣ । ପୃଥିବୀରେ ପ୍ରତି ତେତିଶ ସେକେଣ୍ଡରେ ଜଣେ ଷ୍ଟ୍ରୋକ ରୋଗ ଭୋଗ କରନ୍ତି ଏବଂ ପ୍ରତି ତିନି ମିନିଟରେ ଜଣେ ଲୋକ ପ୍ରାଣ ହରାଇଥାନ୍ତି । ଷ୍ଟ୍ରୋକ କେବଳ ବ୍ୟକ୍ତିଗତ କ୍ଷତି ନୁହେଁ । ଏଥିରେ ପରିବାର, ସମାଜ ସର୍ବୋପରି ଦେଶ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ । ଭାରତରେ ଷ୍ଟ୍ରୋକ ସମ୍ବନ୍ଧୀୟ ପ୍ରତିବର୍ଷ ସରକାରୀ ଖର୍ଚ୍ଚ ପ୍ରାୟ ସାତହଜାରର କୋଟି ଟଙ୍କା ।

ଷ୍ଟ୍ରୋକ କ'ଣ ? ଷ୍ଟ୍ରୋକର ଆକ୍ଷରିକ ଅର୍ଥ ହେଲା ପ୍ରହାର (ମାଡ଼) । ଏହି ମାଡ଼ ପ୍ରକୃତରେ ମସ୍ତିଷ୍କ ଭିତରେ ଥିବା ରକ୍ତବାହୀ ନଳୀର ରକ୍ତ ପ୍ରବାହ ବନ୍ଦ କିମ୍ବାରକ୍ତ ସ୍ରାବ ଯୋଗୁଁ ହୋଇଥାଏ । ମସ୍ତିଷ୍କରେ ଶରୀରର ସବୁ ଅଙ୍ଗ ପାଇଁ ସ୍ନାୟୁବିକ ଅଙ୍ଗ ରହିଛି ।। ମସ୍ତିଷ୍କରେ ରକ୍ତ ପ୍ରବାହର ଅସ୍ୱାଭାବିକତା ଯୋଗୁଁ ଶରୀରର ବିଭିନ୍ନ ଷ୍ଟ୍ରୋକ ଆରମ୍ଭ ହୋଇ ପାରାଲିସିସ ରୋଗ ଭୋଗ କରନ୍ତି ।

ଷ୍ଟ୍ରୋକ ଆରମ୍ଭରେ ସ୍ୱଳ୍ପ ରକ୍ତ ପ୍ରବାହ କିମ୍ବା ରକ୍ତ ସ୍ରାବ ଯୋଗୁଁ ପ୍ରତି ସେକେଣ୍ଡରେ ମସ୍ତିଷ୍କରେ ପ୍ରାୟ ୩୨ହଜାର କୋଷ ମରିଯାଆନ୍ତି । ତେଣୁ ଷ୍ଟ୍ରୋକ ଚିକିତ୍ସାରେ ଆରମ୍ଭ ଠାରୁ ପ୍ରତି ସେକେଣ୍ଡ ମୂଲ୍ୟବାନ । ଷ୍ଟ୍ରୋକ ପୃଥିବୀରେ ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ । ଷ୍ଟ୍ରୋକ ମୁଖ୍ୟ କାରଣ ଗୁଡ଼ିକ ହେଲା

୧. ଉଚ୍ଚରକ୍ତଚାପ (ହାଇପରଟେନସନ)

୨.ମଧୁମେହ(ଡାଇବେଟିସ)

୩. ରକ୍ତରେ କୋଲେଷ୍ଟେରଲ ଓ ଟ୍ରାଇଗ୍ଲିସେରାଇଡ଼ ଭଳି ଚର୍ବିର ମାତ୍ରା ବୃଦ୍ଧି (ଡିସଲିପିଡ଼ିମିଆ)

୪. ହୃତପିଣ୍ଡର ଗତିରେ ଦ୍ରୁତ ପରିବର୍ତ୍ତନ (ଆଟ୍ରିଆଇ ଫ୍ରେଲେସନ)

୫. ଧୂମପାନ, ନିକୋଟିସନ ସେବନ ଓ ମଦ୍ୟପାନ

୬. ହୃଦଘାତ (ହାର୍ଟ ଆଟାକ)

ପାଶ୍ଚାତ୍ୟ ଉନ୍ନତ ଦେଶରେ ଉଚ୍ଚ ରକ୍ତଚାପ ମଧୁମେହରେ ନିୟନ୍ତ୍ରଣ, ତମାଖୁ ସେବନ ଓ ମଦ୍ୟପାନରୁ ବିରତି, ବ୍ୟାୟାମ ଓ ସୁସ୍ଥ ଜୀବନ ଯାପନ ଷ୍ଟ୍ରୋକର ମାତ୍ରା ବହୁ ପରିମାଣରେ ପ୍ରତିବର୍ଷଁ କମାଇବାରେ ଲାଗିଛି ।

କିନ୍ତୁ ଭାରତରେ ଉଚ୍ଚ ରକ୍ତଚାପ ମଧୁମେହ ନିୟନ୍ତ୍ରଣରେ ରହୁ ନଥିବାରୁ ତମାଖୁ ସେବନ , ମଧ୍ୟପାନ ବଢୁଥିବାରୁ ଏବଂ ଲୋକମାନେ ପରିଶ୍ରମ ବିମୁଖ ହେବାରୁ ଭାରତରେ ଷ୍ଟ୍ରୋକ ସଂଖ୍ୟା ବଢ଼ି ଏହା ଷ୍ଟ୍ରୋକ ରୋଗର ରାଜଧାନୀ କୁହାଗଲାଣି । ଷ୍ଟ୍ରୋକ ହେଲେ ମସ୍ତିଷ୍କ ଆଘାତର ସ୍ଥାନ ଓ ପରିମାଣ ଅନୁସାରେ ଅଧା ଅଙ୍ଗ ଅଚଳ ହୋଇପଡ଼େ । ରୋଗୀ କଥା କହିପାରେ ନାହିଁ । ସ୍ପର୍ଶ ଶକ୍ତି ନଥାଏ । ଲେଖାପଢ଼ା କରିପାରେ ନାହିଁ । ମନେରଖିବା ଶକ୍ତି ହ୍ରାସ ପାଇଥାଏ । ସ୍ଥାନ କାଳ ପାତ୍ର ବାରିପାରେ ନାହିଁ । ସବୁ ଭୁଲିଯାଏ । ମୁଣ୍ଡ ଭିତରେ ରକ୍ତସ୍ରାବ ହେଲେ ଭୀଷଣ ମୁଣ୍ଡ ବିନ୍ଧିଥାଏ । ରୋଗୀ ଅଚେତ ହୋଇପଡ଼େଡ଼ ।।

ଷ୍ଟ୍ରୋକ ହେବାର ପ୍ରଥମ ତିନିରୁ ପାଂଚ ଘଂଟାମଧ୍ୟରେ ବିଳମ୍ବିନାଣ୍ଡ ଟ୍ୟିସୁ ପ୍ଲାଜମିନୋଜେନ ଆକଟିଭେଟର (ଆରଟିପିଏ) ଇଞ୍ଜେକସନ ରୋଗୀଙ୍କୁ ଦିଆଗଲେ ରୋଗୀ ସମ୍ପୂର୍ଣ୍ଣ ଭଲ ହେବାର ସମ୍ଭାବନା ପ୍ରକାଶ ପାଇଥାଏ ।। ଏହା ବ୍ୟତୀତ ଷ୍ଟ୍ରୋକ୍‌ର ମୂଳ କାରଣ ଯଥା ଉଚ୍ଚ ରକ୍ତଚାପ, ମଧୁମେହ, ଆଟ୍ରିୟାଲ ଫିବ୍ରିଲେସନ ଆଦି ଚିକିତ୍ସା କରିବା ଆବଶ୍ୟକ । ଷ୍ଟ୍ରୋକ ପ୍ରାରମ୍ଭରେ ମୁଣ୍ଡର ସିଟି ସ୍କାନ କରି ଏହା ରକ୍ତସ୍ରାବ କିମ୍ବା ଥ୍ରମ୍ବୋସିସ ଚିହ୍ନି ସଠିକ ଚିକିତ୍ସା କରିବା ଆବଶ୍ୟକ ।

ମୌସମ୍ବି ଜୁସ୍ ପିଇଲେ ତ୍ୱଚା ରହେ ଯୁବା: ଡାଳିମ୍ବ ଦୂର କରେ ରକ୍ତହୀନତା

ଅନେକ ଲୋକ ଜୁସ୍ ଦୋକାନକୁ ଗଲେ ମିକ୍ସ ଜୁସ୍ ପିଇବାକୁ ପସନ୍ଦ କରିଥାନ୍ତି । ଆମକୁ ଏପରି ଲାଗିଥାଏ ଯେ ମିକ୍ସ ଜୁସ୍‌ରେ ସବୁ ପ୍ରକାର ଫଳ ମିଶୁଥିବାରୁ ବିଭିନ୍ନ ଭିଟାମିନ୍ ମିଳିଥାଏ । ମାତ୍ର ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ମିକ୍ସ ଜୁସ୍ ଅପେକ୍ଷା କୌଣସି ଗୋଟାଏ ଫଳର ଜୁସ୍ ପିଇବା ଆପଣଙ୍କ ପାଇଁ ବେଶି ଲାଭପ୍ରଦ ପ୍ରମାଣିତ ହୋଇପାରେ । ତେବେ ଚାଲନ୍ତୁ ଜାଣିବା କେଉଁ ଜୁସ୍ ପିଇଲେ କେଉଁ ସବୁ ଲାଭ ମିଳେ ।

ସେଓ ରସ: ଆପଣ ତ ଏକଥା ନିଶ୍ଚୟ ଜାଣିଥିବେ ଯେ ଦୈନିକ ଗୋଟାଏ ସେଓ ଖାଇବା ଦ୍ୱାରା ଡାକ୍ତରଙ୍କ ଦୂରେଇ ରଖି ହେବ ବୋଲି ଏକ କଥା ରହିଛି । ତେଣୁ ଆପଣ ଯଦି ସେଓ ରସ ପିଇଲେ ତେବେ ନିରୋଗ ରହିବେ ଏଥିରେ ସନ୍ଦେହ ନାହିଁ । ଏହାଛଡ଼ା ଆପଣ ଏଥିରେ ଖିର ମିଶାଇ ଆପେଲ୍ ସେକ୍ ମଧ୍ୟ କରିପାରନ୍ତି ।

ମୌସମ୍ବି ରସ: ମୌସମ୍ବି ଜୁସ୍ ପିଇଲେ ଚେହେରାରେ ବୟସ୍କପଣ ସହଜରେ ଦିଶେନାହିଁ । ଡାଏଟ୍ ଥିବା ଲୋକମାନେ ବିଶେଷ କରି ମୌସମ୍ବି ଜୁସ୍ ପିଇଥାନ୍ତି । ଏହା ଦ୍ୱାରା କେଶ ଝଡ଼ିବା ସମସ୍ୟା ବି ଦୂର ହୋଇଥାଏ ।

ଡାଳିମ୍ବ ରସ: ଯଦି ଆପଣ କୌଣସି ପ୍ରକାରର ରକ୍ତହୀନତା ରୋଗର ଶିକାର ହୋଇଛନ୍ତି ତେବେ ଆପଣଙ୍କ ପାଇଁ ଡାଳିମ୍ବ ରସ ଭଲ । ଦୈନିକ

ଗୋଟିଏ ଗ୍ଲାସ ଡାଳିମ୍ବ ରସ ପିଇବା ଦ୍ୱାରା ଆପଣ ନିଜର ସମସ୍ୟା ଦୂରେଇ ଦେଇପାରିବେ ।

ସପୁରୀ ରସ: ସପୁରୀ ରସ ଆଖି ଓ ପୂରା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହୋଇଥାଏ । ଆପଣ ଏହି ଜୁସ୍ ପିଇଲେ ହଜମ ଭଲ ହେବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣର ଭିଟାମିନ୍ ସି ମିଳିଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବିବାଦୀୟ ପୁରସ୍କାର..

ଏମିତି ନୁହେଁ ଯେ ବିଶ୍ୱର ଶ୍ରେଷ୍ଠ ପୁରସ୍କାର ଭାବରେ ବିବେଚିତ ନୋବେଲ ପୁରସ୍କାରର ଋତୁ କେବେ କେବେ ବିବାଦହୀନ ଭାବରେ ଶେଷ ହୋଇ ନଥାଏ ଯେମିତି ହୋଇଛି ଚଳିତ ବର୍ଷ । ନିକଟରେ ଘୋଷିତ ଏହି ପୁରସ୍କାରର ନିରପେକ୍ଷତା ଏବଂ ବିଭିନ୍ନ କ୍ଷେତ୍ରରେ ଏହି ପୁରସ୍କାର ପାଇଥିବା ବ୍ୟକ୍ତିମାନଙ୍କ ଯୋଗ୍ୟତା ଉପରେ କ୍ୱଚିତ୍ କେହି ପ୍ରଶ୍ନ ଉଠାଇଛନ୍ତି । ବିଶେଷକରି ଶାନ୍ତି ଏବଂ ଅର୍ଥନୀତି ଭଳି କ୍ଷେତ୍ରରେ ଦୁଇଗୋଟି ଅତ୍ୟନ୍ତ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ସମ୍ପୂର୍ଣ୍ଣ ଭାବରେ ଉପଯୁକ୍ତ ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଇଛି ବୋଲି ବିବେଚିତ ହୋଇଛି । ୯୩ ଜଣ ନୋବେଲ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞଙ୍କ ମଧ୍ୟରେ କ୍ଲିଡିଆ ଗୋଲଡେନ୍ ହେଉଛନ୍ତି ତୃତୀୟ ମହିଳା, ତେବେ ପୁରସ୍କାର ବିଜୟୀ ଗବେଷଣା କ୍ଷେତ୍ରରେ ସେ ଅନ୍ୟ କାହାର ସହଭାଗୀ ଭାବରେ ଏହି ପୁରସ୍କାର ଲାଭ କରି ନାହାନ୍ତି ; ଲାଭ କରିଛନ୍ତି ନିଜର ଏକକ ଉଦ୍ୟମ ଓ ନିଷ୍ଠା ବଳରେ। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏହି ପ୍ରଫେସରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି ଶ୍ରମ ବଜାରରେ ରହିଥିବା ଲିଙ୍ଗଗତ ପାର୍ଥକ୍ୟ ବାବଦରେ ତାଙ୍କର ଉନ୍ନତ ବୁଝାମଣା ପାଇଁ, ଯାହା ତାଙ୍କ ଗବେଷଣାର ବିଷୟ । କହିବା ବାହୁଲ୍ୟ, ଏହା ହେଉଛି ସାମ୍ପ୍ରତିକ ସମୟର ଏକ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ, ଯେତେବେଳେ କି ଲିଙ୍ଗଗତ ସମାନତା କେବଳ ଏକ ଯାହିତାହି ଅବଧାରଣା ନୁହେଁ, ଯାହାକୁ ପୁରୁଷମାନେ ସହ୍ୟ କରି ଆସୁଥିଲେ କିନ୍ତୁ କଦାଚିତ୍ କିଛି କରି ପାରୁଥିଲେ । କର୍ମକ୍ଷେତ୍ରରେ ଲିଙ୍ଗଗତ ଅନ୍ତରକୁ ଶେଷ କରିବା ଏବେ ଆଉ କେବଳ ନାରୀବାଦ ବା ସମାନତା ଆଣିବା ଦିଗରେ ଅଳ୍ପ କିଛି ପଦକ୍ଷେପ ନେବା ଏବଂ ପୁରୁଷମାନେ ଏ ସମ୍ପର୍କରେ ଅବଗତ ହେବାର ଏକ କାର୍ଯ୍ୟ ହୋଇ ରହିନାହିଁ । ଏହି କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକଗୁଡ଼ିକୁ ହୁଏତ ହଟାଇ ଦିଆଯାଇଥାଇପାରେ, କିନ୍ତୁ ଏବେ ବି ସ୍ଥିତିରେ ସେଭଳି କିଛି ଆଖିଦୃଶିଆ ପରିବର୍ତ୍ତନ ନ ଆସିବାର କାରଣ ହେଉଛି ପୁରୁଷ ଶ୍ରେଷ୍ଠତା ଏବଂ ମାନସିକତା । ଏଭଳି ଭୁଲ୍ ଧାରଣାରେ ଗଭୀର ଭାବରେ ସନ୍ନିବେଶିତ ଏକ ସମସ୍ୟାକୁ ମୁକାବିଲା କରାଯିବା ନିମନ୍ତେ ଆହୁରି ଅନେକ କିଛି କରାଯିବାକୁ ବାକି ରହିଛି । ତେଣୁ ଏହା ଏକ ବିଷୟବସ୍ତୁ ଭାବରେ ଅଧ୍ୟୟନ କରାଯିବାଯୋଗ୍ୟ ତଥା ଅର୍ଥନୀତିର ଶୃଙ୍ଖଳା ଭିତରେ ଏହାକୁ ମାନ୍ୟତା ପ୍ରଦାନ କରାଯିବା ସମସ୍ତଙ୍କ ନିମନ୍ତେ ଏକ ସ୍ପଷ୍ଟ ବାର୍ତ୍ତା ହେବା ଉଚିତ ବୋଲି ସେମାନେ ଜାଣନ୍ତି, ଯେଉଁମାନେ ବିଶ୍ୱ ଶ୍ରମ ବଜାରଗୁଡ଼ିକର ବାସ୍ତବ ଚିତ୍ରକୁ ଦେଖୁଛନ୍ତି । ତେବେ ମୁଖ୍ୟସ୍ରୋତର ଅର୍ଥନୀତି ଭାବରେ ସଚରାଚର ଯାହାକୁ କୁହାଯାଇଥାଏ, ଯାହା ଅର୍ଥନୀତି ଅଭିନେତାମାନଙ୍କୁ ସମ୍ପୂର୍ଣ୍ଣ ବିବେକବାନ୍ ବାହକ ଭାବରେ ପରିଗଣନା କରିଥାଏ, ଏବଂ ସେମାନଙ୍କର ବ୍ୟବହାର ବାବଦରେ ଗୁଣାତ୍ମକ ନମୁନାଗୁଡ଼ିକର ଭବିଷ୍ୟବାଣୀ କରିବାରେ ନିଜକୁ ସୀମିତ ରଖୁଥାଏ, ତାହା ଏହି ତଥ୍ୟର ଗୁରୁତ୍ୱକୁ ଦୀର୍ଘ କାଳ ଧରି ଅଣଦେଖା କରି ଆସିଛି । ଗୋଲ୍‌ଡିନ୍‌ଙ୍କ ବ୍ୟକ୍ତିଗତ ଉଦ୍ୟମକୁ ମାନ୍ୟତା ପ୍ରଦାନ କରାଯିବା, ଏବଂ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ଲିଙ୍ଗଗତ ଦୃଷ୍ଟିକୋଣରୁ ଅର୍ଥନୀତିକୁ ଦେଖାଯିବା ପାଇଁ ଅଧିକରୁ ଅଧିକ ସଂଖ୍ୟାରେ ଅର୍ଥନୀତିଜ୍ଞମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ତାଙ୍କର ଅବଦାନ ହେଉଛି ପରିଶେଷରେ ଏଇ ବାସ୍ତବତାର ସ୍ୱୀକାରୋକ୍ତି, ଯାହା ଫଳାଫଳର ପ୍ରସଙ୍ଗ ଉଠିଲେ ବାସ୍ତବ ସ୍ଥିତିକୁ ପରିଚିହ୍ନିତ କରିଥାଏ ଏବଂ ନୀତି ତାହା କରିବା ଉଚିତ, ଯାହା ସେଗୁଡ଼ିକ ଏକ ବ୍ୟବସ୍ଥାଗତ ଅସମାନତାର ଉତ୍ସ ନହେବାକୁ ସୁନିଶ୍ଚିତ କରି ପାରିବ। ଏକଥା କହିବାରେ କୌଣସି ଦ୍ୱିଧା ନାହିଁ ଯେ ଅର୍ଥନୀତିରେ ସର୍ବୋଚ୍ଚ ପୁରସ୍କାର ଗୋଲ୍‌ନ୍‌ଙ୍କୁ ପ୍ରଦାନ କରାଯିବା ହେଉଛି ଏକ ଐତିହାସିକ ଭୁଲର ସଂଶୋଧନ କରିବାଠାରୁ ଆହୁରି ଅଧିକ କିଛି କରାଯିବା। ସମଗ୍ର ବିଶ୍ୱରେ ଶ୍ରମ ବଜାରଗୁଡ଼ିକରେ ମହିଳାମାନେ ବିଭିନ୍ନ କାରଣରୁ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭେଦଭାବର ସମ୍ମୁଖୀନ ହୋଇ ଆସୁଛନ୍ତି। ଭାରତ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଭାବରେ ଏହି ଆହ୍ୱାନ ଅତ୍ୟନ୍ତ ଉତ୍କଟ, ଯେଉଁଠି ଏହା ସହିତ ତୁଳନା କରାଯିବାଯୋଗ୍ୟ ଦେଶମାନଙ୍କ ତୁଳନାରେ ଶ୍ରମ ଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣର ହାର ଅତ୍ୟନ୍ତ ସ୍ୱଳ୍ପ। ଏହାର ଅନେକଗୁଡ଼ିଏ କାରଣ ମଧ୍ୟରୁ ପ୍ରମୁଖ ଭାବରେ ଯେଉଁଗୁଡ଼ିକୁ ନିଆଯାଇଥାଏ, ସେଗୁଡ଼ିକ ହେଉଛି ସେମାନଙ୍କ ଉପରେ ଅସମାନୁପାତିକ ଭାବରେ ଲଦି ଦିଆଯାଉଥିବା ପାରିବାରିକ ଦାୟିତ୍ୱ ସମୂହ ଏବଂ ଦମନମୂଳକ ସାମାଜିକ ବିଧିବ୍ୟବସ୍ଥା । ଲିଙ୍ଗଗତ ଅନ୍ତର ପାରିବାରିକ କାର୍ଯ୍ୟର ଯେଉଁ ଅନ୍ୟାୟୋଚିତ ସମସ୍ୟାକୁ ସାମ୍ନାକୁ ଆଣିଥାଏ, ତାହା ହେଉଛି ଚଳିତ ବର୍ଷର ଏହି ଅର୍ଥନୀତି ନୋବେଲ ବିଜେତାଙ୍କ ଗବେଷଣାର ସର୍ବବୃହତ୍ ଅନ୍ତଷ୍ଟି । ଏହି ସମସ୍ୟାକୁ ସଂଶୋଧନ କରିବା ଦିଗରେ ଏକ ପଦକ୍ଷେପ ଭାବରେ ନୀତି ପ୍ରଣୟନ କରିବାକୁ ହେଲେ ଏହିସବୁ ପ୍ରଶ୍ନ ସହିତ କାରବାର କରିବା ଭଳି ଶୈକ୍ଷିକ ନିଯୋଗ ଆବଶ୍ୟକ ଯାହା ଗୋଲିନ୍‌ଙ୍କଠାରୁ ତ ପ୍ରେରଣା ଲାଭ କରି ପାରିବ, ପରନ୍ତୁ ତାଙ୍କର କାର୍ଯ୍ୟଠାରୁ ମଧ୍ୟ ଆହୁରି ଆଗକୁ ଯିବାକୁ ହେବ।

ଜାତିଭିତ୍ତିକ ଜନଗଣନା ଓ ବିହାର ପ୍ରଭାବ

ଅଧ୍ୟାପକ ଗୋପବନ୍ଧୁ

ଦେଶରେ ସାଧାରଣ ନିର୍ବାଚନର ସମୟ ପାଖେଇ ଆସୁଥିବା ବେଳେ ଜାତିଭିତ୍ତିକ ଜନଗଣନା ଏକ ମୁଖ୍ୟ ଇସ୍ୟୁଭାବେ ଆବିର୍ଭାବ ହୋଇଛି। ନିକଟରେ ବିହାରରେ ଜାତିଗତ ଜନଗଣନାର ରିପୋର୍ଟ ପ୍ରକାଶ ପାଇବା ପରେ ସାରା ଭାରତବର୍ଷରେ ଏ ପ୍ରସଙ୍ଗ ଉପରେ ଚର୍ଚ୍ଚା ଆହୁରି ଜୋର୍ ଧରିଛି। ଅନ୍ୟ ରାଜ୍ୟମାନଙ୍କରେ ବିହାର ତୁଲ୍ୟ ଜାତିଭିତ୍ତିକ ଜନଗଣନା କରିବା ପାଇଁ ଦାବୀ ହେବା ଆରମ୍ଭ ହେଲାଣୀ। ବିରୋଧି ଇଣ୍ଡିଆ ଗୋଠବନ୍ଧନର ସଂଖ୍ୟାଧିକ ଘଟକ ଦଳ ଏହାକୁ ସମର୍ଥନ କରୁଛନ୍ତି। ଏହାର ଅନ୍ୟତମ ମୁଖ୍ୟ ଅଂଶୀଦାର ଜେଡିଇଉ ଓ ଆରଜେଡି ସବୁଦିନେ ଜାତିଭିତ୍ତିକ ଜନଗଣନା ପାଇଁ ଦାବୀକରି ଆସିଛନ୍ତି। ଏମାନଙ୍କ ପ୍ରଚେଷ୍ଟାରେ ବିହାରରେ ନାନା ପ୍ରତିବନ୍ଧକ ସତ୍ତ୍ୱେ ଜାତିଭିତ୍ତିକ ଜନଗଣନା ହୋଇପାରିଲା। କେନ୍ଦ୍ର ପୂର୍ବରୁ ଜାତିଭିତ୍ତିକ ଜନଗଣନା କରିବା ପାଇଁ ମନାକରି ଦେଇଥିଲା। ଏହା ସତ୍ତ୍ୱେ ବିହାର ସରକାର ଏଦିଗରେ ପଦକ୍ଷେପ ନେଇ ସଫଳ ହେଲେ। ନ୍ୟାୟାଳୟ ଜରିଆରେ ଏହାକୁ ରୋକିବାର ଉଦ୍ୟମ ଶେଷରେ ଫସର ଫାଟିଛି।

ବର୍ତ୍ତମାନ ଜାତିଭିତ୍ତିକ ଜନଗଣନା ଇସ୍ୟୁ ଆଉ ବିହାର ରାଜ୍ୟ ମଧ୍ୟରେ ସୀମିତ ହୋଇ ରହିନାହିଁ। ସମଗ୍ର ଦେଶରେ ଏହାକୁ ବ୍ୟାପକ ସମର୍ଥନ ମିଳୁଛି। ବର୍ତ୍ତମାନ ଏହା ଜାତୀୟ ଇସ୍ୟୁରେ ପରିଣତ ହେବାର କାରଣ ହେଉଛି ଇଣ୍ଡିଆର ମୁଖ୍ୟ ଘଟକ ଦଳ ଜାତୀୟ କଂଗ୍ରେସ ଜାତିଭିତ୍ତିକ ଜନଗଣନା ପାଇଁ ଦାବୀ କରିବା ଆରମ୍ଭ କରିଦେଇଛି। ପାର୍ଟିର ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ଼ଗେ ତଥା ମୁଖ୍ୟନେତା ଶ୍ରୀ ରାହୁଲ ଗାନ୍ଧୀ ଏହାର ସପକ୍ଷରେ ମତବ୍ୟକ୍ତ କରୁଛନ୍ତି। ଫଳରେ ସମଗ୍ର ପାର୍ଟି ଏହାକୁ ସମର୍ଥନ କରିବାକୁ ବାଧ୍ୟ ହୋଇଛି। ଶ୍ରୀ ରାହୁଲ ଗାନ୍ଧୀ ଜାଣି ସାରିଛନ୍ତି ଯେ କେବଳ ଓବିସି ଭୋଟ ହିଁ କଂଗ୍ରେସକୁ ପୁନର୍ବାର କ୍ଷମତାକୁ ଫେରାଇ ପାରିବ, ଯେଉଁ ଭୋଟକୁ ବିଜେପି ହାତେଇ ନେଇଛି। ତେଣୁ କଂଗ୍ରେସର ଲକ୍ଷ୍ୟ ରହୁଛି କିପରି ଓବିସି ଭୋଟକୁ ନିଜ ଆଡକୁ ଫେରାଇ ଆଣିବ। ଗତ ବିଧାନସଭା ନିର୍ବାଚନରେ କର୍ଣାଟକରେ କଂଗ୍ରେସ ସାମାଜିକ ନ୍ୟାୟ କାର୍ଡ ଖେଳି ସଫଳ ହୋଇଛି। 'ଯାହାର ଯେତିକି ସଂଖ୍ୟା ତାହାର ସେତିକି ଭାଗ' କହି ଓବିସି ଭୋଟକୁ ଟାଣିବାକୁ ସକ୍ଷମ ହୋଇଛି। ଏବେ ଏହି ଫର୍ମୁଲାକୁ ଜାତୀୟ ସ୍ତରରେ ପ୍ରୟୋଗ କରିବାକୁ ଚାହେଁ।

କଂଗ୍ରେସ ସମେତ ଯେଉଁ ରାଜନୈତିକ ଦଳମାନେ ଜାତିଭିତ୍ତିକ ଜନଗଣନା ପାଇଁ ଦାବୀ କରୁଛନ୍ତି ସେମାନଙ୍କ ଲକ୍ଷ୍ୟ ହେଉଛି ଓବିସି ଭୋଟ। ୧୯୩୧ ମସିହା ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ଥିଲା ୫୨%। ଅନେକେ କହୁଥିଲେ ଏବେ ଏ ସଂଖ୍ୟା ଆହୁରି ବଢିଛି। ଏ କଥା ସତ୍ୟ ପ୍ରମାଣିତ ହୋଇଛି ବିହାର ଜାତିଗତ ଜନଗଣନାରୁ। ବିହାରରେ ଓବିସିଙ୍କ ସଂଖ୍ୟା ୬୩% ବାହାରିଛି। ସମଗ୍ର ଦେଶରେ ଠିକଭାବେ ଜାତିଭିତ୍ତିକ ଜନଗଣନା ହେଲେ ଏହି ହାରରେ ଓବିସି ଙ୍କ ପରିସଂଖ୍ୟାନ ବାହାରିବ ବୋଲି ଚର୍ଚ୍ଚା ହେଉଛି। ଏତେ ବଡ଼ ଭୋଟବ୍ୟାଙ୍କ ଯେକୌଣସି ଦଳପାଇଁ ଲୋଭନୀୟ ନିଶ୍ଚିତ। ତେଣୁ ଓବିସି ଇସ୍ୟୁକୁ ସମର୍ଥନ ଜାଣଇ ଏ ଭୋଟ ବ୍ୟାଙ୍କକୁ ହାତେଇବା ପାଇଁ ରାଜନୈତିକ ଦଳମାନେ ପ୍ରୟାସ କରିବା ସ୍ୱାଭାବିକ। ପୂର୍ବରୁ ଓବିସି ସମର୍ଥୀତ ରାଜନୈତିକ ଦଳମାନେ ଯେଉଁକଥା କହୁଥିଲେ, ଆଜି ଅନ୍ୟ ଦଳମାନେ ମଧ୍ୟ ସେହି କଥା କହୁଛନ୍ତି। କେବଳ ଓବିସି କଥା ନୁହଁ ଏହା ସହିତ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କୁ ମଧ୍ୟ ନଜରରେ ରଖିଛନ୍ତି। ସେଇଥି ପାଇଁ ସମାନ ସଂଖ୍ୟାକୁ ସମାନ ଭାଗ କଥା କହୁଛନ୍ତି।

ବିରୋଧୀ ମେଣ୍ଟ ଜାତିଭିତ୍ତିକ ଜନଗଣନାକୁ ସମର୍ଥନ କରିବାର ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ଏହା ବିଜେପିର ପ୍ରତ୍ୟାଖ୍ୟାତ ବିଷୟ। ବିଜେପି ଜାତିଭିତ୍ତିକ ଜନଗଣନାକୁ ପ୍ରତ୍ୟାଖ୍ୟାନ କରିଥିବା ଯୋଗୁଁ ଏହି ଦଳ ଓ ଏହାର ଗୋଠବନ୍ଧନ ଏନଡିଏ ଓବିସି ବିରୋଧି ବୋଲି ବିରୋଧୀମାନେ କହିବାର ସୁଯୋଗ ପାଇଛନ୍ତି। କାରଣ ଜାତିଭିତ୍ତିକ ଜନଗଣନାରେ ଓବିସିମାନଙ୍କ ସ୍ୱାର୍ଥ ସର୍ବାଧିକଭାବେ ନିହିତ ଅଛି। ଓବିସିମାନଙ୍କୁ କୌଣସି ସୁବିଧା ସୁଯୋଗ ନଦେବା ପାଇଁ କେନ୍ଦ୍ର ଜାତିଭିତ୍ତିକ ଜନଗଣନା କରୁନାହିଁ ବୋଲି ପ୍ରଚାର ଚାଲିଛି। ଗୋଟିଏ ପଟେ ସୁପ୍ରିମକୋର୍ଟ ଓବିସିଙ୍କ ଉନ୍ନୟନ ଯୋଜନା ଓ ସଂରକ୍ଷଣ ହାର ବୃଦ୍ଧି ପାଇଁ ତାଙ୍କ ପରିସଂଖ୍ୟାନ ଓ ସ୍ଥିତିଗତ ରିପୋର୍ଟ ମାଗୁଛନ୍ତି। ଅନ୍ୟ ପଟେ କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନାର ସପକ୍ଷରେ ନାହାଁନ୍ତି। ଏପରି ପରିସ୍ଥିତିରେ ଓବିସି ସମାଜ ବିଜେପି ଉପରେ ଆକ୍ରୋଶଭାବ ପ୍ରକାଶ କରିବା ଓ ବିରୋଧି ମେଣ୍ଟ ଆଡ଼େ ଢଳିବା ସ୍ୱାଭାବିକ। ଏ ଇସ୍ୟୁ ବିଜେପି ପାଇଁ ତଣ୍ଟିର କଣ୍ଟା ହୋଇଯାଇଛି ଓ ବିରୋଧୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ତିଆରି କରିଛି। ବିହାରର ଜନଗଣନା ରିପୋର୍ଟ ପ୍ରକାଶ ହେବାପରେ ଏହାର ତୀବ୍ରତା ଆହୁରି ବଢିଯାଇଛି। ଏହା ରାଜନୈତିକ ଚହଳ ସୃଷ୍ଟି କରିଛି।

ବିହାରର ଏ ଜନଗଣନା କେବଳ ଓବିସି, ଏସଟି, ଏସସି ଓ ସଂଖ୍ୟାଲଘୁଙ୍କ ସଂଖ୍ୟାକୁ ସ୍ପଷ୍ଟ କରିଛି ତାହା ନୁହେଁ ଏହା ସହିତ ଏମାନଙ୍କ ଅନ୍ତର୍ଗତ ପ୍ରତ୍ୟେକ ଜାତିର ସଂଖ୍ୟା ଓ ସ୍ଥିତିକୁ ମଧ୍ୟ ସ୍ପଷ୍ଟ କରିଛି। ଏହା ବାଦେ ଅଗ୍ରସର ବର୍ଗର ଅନ୍ତର୍ଗତ ପ୍ରତ୍ୟେକ ଜାତିର ପରିସଂଖ୍ୟାନ ମଧ୍ୟ ସମ୍ମୁଖ୍ୟକୁ ଆଣିଛି। ଏମାନଙ୍କ ମଧ୍ୟରେ ବ୍ରାହ୍ମଣ ୩.୫%, ଭୂମିହାର ୨.୯%, ରାଜପୁତ ୩.୭୫% ଓ ଅନ୍ୟମାନେ ସ୍ୱଳ୍ପ ସଂଖ୍ୟାରେ ରହିଛନ୍ତି। ଏମାନଙ୍କ ସାମଗ୍ରିକ ସଂଖ୍ୟା ୧୫% ମଧ୍ୟରେ ରହିଛି। ଏମାନେ ଶାସନ, ପ୍ରଶାସନ, ଆର୍ଥିକ ପ୍ରତିଷ୍ଠାନ, ଶିକ୍ଷା ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ କେତେ ଅଛନ୍ତି ତା ଉପରେ ମଧ୍ୟ ତଥ୍ୟ ସଂଗୃହୀତ ହୋଇଛି। ରାଜ୍ୟରେ ଓବିସି ସର୍ବାଧିକ ଶକ୍ତିଶାଳୀ ଗୋଷ୍ଠୀଭାବେ ଉଭା ହୋଇଛି। ଏମାନଙ୍କ ତଳେ ଅଛନ୍ତି ଏସସି ବର୍ଗ ଯେଉଁମାନଙ୍କ ସଂଖ୍ୟା ପାଖାପାଖି ୨୦%। ଏହା ତଳେ ଅଛନ୍ତି ସଂଖ୍ୟାଲଘୁ ମାନେ। ଏହା ମଧ୍ୟରୁ କେବଳ ମୁସଲମାନଙ୍କ ସଂଖ୍ୟା ପାଖାପାଖି ୧୭%। ଏଠାରେ ଉଲ୍ଲେଖଯୋଗ୍ୟ ଯେ କିଛି ସଂଖ୍ୟାଲଘୁ ଓବିସି ମଧ୍ୟରେ ଓ କିଛି ଏସସି ମଧ୍ୟରେ ଅଛନ୍ତି। ଏ ପରିସଂଖ୍ୟାନ କେବଳ ରାଜ୍ୟ ସ୍ତରୀୟ ନୁହେଁ, ଏହା ସହିତ ଏହା ପ୍ରତ୍ୟେକ ଜିଲ୍ଲା ଓ ଅଞ୍ଚଳ ପାଇଁ ମଧ୍ୟ ଉପଲବ୍ଧ।

ପୂର୍ବରୁ ବିହାରରେ ଅଗ୍ରସର ଜାତି ପ୍ରଭାବିତ ରାଜନୀତି ସମାପ୍ତ ହୋଇସାରିଛି। ସେଠାରେ ଓବିସି ପ୍ରଭାବିତ ରାଜନୀତି ଚାଲିଛି। ସଦ୍ୟ ପ୍ରକାଶିତ ପରିସଂଖ୍ୟାନ ଏ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ। ରାଜନୈତିକ ଦଳମାନେ ପରିସଂଖ୍ୟାନ ଅନୁଯାୟୀ ପ୍ରାର୍ଥୀ ଚୟନ କରିବେ ଓ ଭୋଟଦାତା ମାନେ ମଧ୍ୟ ଗୋଷ୍ଠୀଗତ ଓ ଜାତିଗତ ଚେତନାର ବଶବର୍ତ୍ତୀ ହୋଇ ଭୋଟ ଦେବେ। ଏହି ପରିସୀମା ମଧ୍ୟରେ ତଥାକଥିତ ଉଚ୍ଚଜାତିଙ୍କ ପ୍ରାର୍ଥୀତ୍ୱର ସମ୍ଭାବନା ଆହୁରି ସଙ୍କୁଚିତ ହୋଇଯିବ। ଏହା ରାଜ୍ୟର ରାଜନୀତିରେ ସମାନୁପାତିକ ଭାଗୀଦାରୀର ଯୁଗ ଆରମ୍ଭ କରିବ। ଏହି ପରିସଂଖ୍ୟାନ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଥିବା ସଂରକ୍ଷଣର ସୀମା ବୃଦ୍ଧିପାଇଁ ପ୍ରବଳ ଜନମତ ତିଆରି କରିବ ଓ ଏହାର ସପକ୍ଷରେ ରାଜନୀତି ମଧ୍ୟ ଆରମ୍ଭ ହୋଇଯିବ। ଫଳରେ ରାଜ୍ୟରେ ସାମାଜିକ ନ୍ୟାୟ ଆନ୍ଦୋଳନ ଏକ ଗତିଶୀଳ ଅବସ୍ଥାକୁ ଆସିବ ଓ ରାଜ୍ୟ ସମସ୍ତ କ୍ଷେତ୍ରରେ ସମାନୁପାତିକ ଭାଗୀଦାରୀ ଆଡକୁ ଅଗ୍ରସର ହେବ।

ଜାତୀୟ ରାଜନୀତିରେ ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଜଣେ ପୁରୁଣା ଖେଳାଳି। ସେ ଭଲଭାବେ ଜାଣିଛନ୍ତି ଯେ ବିରୋଧି ମେଣ୍ଟରେ ତାଙ୍କ ସ୍ଥିତି ଏତେ ମଜଭୁତ ନୁହେଁ ପ୍ରଧାନମନ୍ତ୍ରୀ ପଦପାଇଁ। ତେଣୁ ଜାତିଗତ ଜନଗଣନା ମାଧ୍ୟମରେ ତାଙ୍କ ପୁରୁଣା ଅଭିଯାନ ସାମାଜିକ ନ୍ୟାୟକୁ ଆଗକୁ ବଢ଼ାଇବା ସହିତ ଜାତୀୟ ରାଜନୀତିରେ ନିଜର ପ୍ରଧାନମନ୍ତ୍ରୀ ଦାବୀକୁ ମଜଭୁତ କରିପାରିବେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ଜଳବାୟୁଜନିତ ବିପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହୁଅ

ସୌଭାଗ୍ୟ ରଂଜନ ମହାନ୍ତି

ଆଉ କିଛି ଦିନ ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶରୁ ଫେରିଯିବ। ଏଥିଲାଗି ପାଗ ଏବେ ଅନୁକୂଳ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) କହିସାରିଲାଣି। ମୌସୁମୀ ଭାରତ ପାଇଁ ଜୀବନ ରେଖା ହୋଇଥିବାବେଳେ ଚଳିତ ବର୍ଷ ହିମାଳୟ ଅଂଚଳରେ ବିପର୍ଯ୍ୟାୟର ଋତୁ ପାଲଟିଥିଲା, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ହିମାଳୟ ପାଦଦେଶରେ ଅବସ୍ଥିତ ହିମାଚଳ ପ୍ରଦେଶଠାରୁ ଆରମ୍ଭ କରି ସିକିମ୍ ପର୍ଯ୍ୟନ୍ତ ବହୁ ଅଂଚଳ ପାଇଁ କେବଳ ଦୁଃଖ ପାଲଟିଛି। ପ୍ରଦେଶ ଠାରୁ ଆରମ୍ଭ କରି ସିକିମ୍ ପର୍ଯ୍ୟନ୍ତ ବହୁ ଅଂଚଳ ପାଇଁ କେବଳ ଦୁଃଖ ପାଲଟିଛି। ଜୁଲାଇ, ଅଗଷ୍ଟ ମାସରେ ହିମାଚଳ ପ୍ରଦେଶ ଏବଂ ଉତରାଚଂଳର କେତେକ ଭାଗରେ ବାଦଲ ପଟା ବର୍ଷା ସାଙ୍ଗକୁ ଅତିଶୟ ଜଳବାୟୁ ଦୁଃଖଦ ବିପର୍ଯ୍ୟାୟର ତାଣ୍ଡବ ରଚିଛି। ବାଦଲ ଫଟା ବର୍ଷା, ଆକସ୍ମିକ ବନ୍ୟା, ଭୂସ୍ଖଳନ ବ୍ୟାପକ, ଧନଜୀବନ ହାନୀ ସହ ବାସଗୃହ ଏବଂ ସରକାରୀ ଭିତିଭୂମି ଧ୍ୱଂସର କାରଣ ପାଲଟିଥିଲା। ହିମାଚଳ ପ୍ରଦେଶରେ ଯେଉଁଭଳି ବିପର୍ଯ୍ୟାୟ ଘଟାଇଛି, ତାହାର ଭରଣା ଆସନ୍ତା ଦଶନ୍ଧି ମଧ୍ୟରେ ହୋଇପାରିବ କି ନାହିଁ ସନ୍ଦେହ। ଗଲା ବୁଧବାର ଦିନ ମୌସୁମୀ ସିକିମରେ ଜଳପ୍ରଳୟ ସାଙ୍ଗକୁ ବିପର୍ଯ୍ୟାୟର ତାଣ୍ଡବ ରଚିଛି। ବାଦଲଫଟା ବର୍ଷା ଏବଂ ଆକସ୍ମିକ ବନ୍ୟା ସିକିମର ବହୁ ଅଂଚଳକୁ ଛାରଖାର କରିଦେଇଥିବାବେଳେ ୨୩ଜଣ ଯବାନଙ୍କ ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି। ବର୍ତମାନ ସୁଦ୍ଧା ୫୦ଟି ମୃତଦେହ ଉଦ୍ଧାର କରାଯାଇଛି, ଯେଉଁମାନଙ୍କ ମଧ୍ୟରେ ୭ଜଣ ଯବାନ ଅଛନ୍ତି। ଅନ୍ୟ ନିଖୋଜମାନଙ୍କୁ ଉଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତିରେ ତଲାସୀ ଅଭିଯାନ ଚାଲିଛି। ତିସ୍ତା ନଦୀରେ ଆକସ୍ମିକ ବନ୍ୟା ଯୋଗୁଁ ଚୁଙ୍ଗଥମ ବନ୍ଧ ତଥା ଜଳ ବିଦ୍ୟୁତ୍ ଭୂଷୁଡି ଯାଇଛି। ସମୁଦ୍ର ପାଇନଠାରୁ ୫ହଜାର ଫୁଟ ଉଚ୍ଚରେ ଥିବା ଏହି ଜଳ ବିଦ୍ୟୁତ ପ୍ରକଳ୍ପ ଧୋଇ ହୋଇଯିବାରୁ ୨୦ଫୁଟ ଉଚ୍ଚରେ ୯୫କିମି ବେଗରେ ବନ୍ୟା ଜଳ ପ୍ରବାହିତ ହୋଇଥିଲେ। ତହିଁରେ ଘରଦ୍ୱାର ସହ ମଣିଷ, ଗୃହପାଳିତ ପଶୁ ଏବଂ ଶହଶହ ଯାନବାହାନ ଭାସି ଯାଇଥିବା କୁହାଯାଇଛି। ସେନାର ୯ଟି ସେତୁ ସହ ୧୪ଟି ସେତୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହ



ବିନୋଦନ

ବିନୋଦନ

ସିନେମା ଓ ମନୋରଞ୍ଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

ବିଗ୍ ବସ୍ ପାଇଁ ସଲମାନଙ୍କ ଫିସ୍ ୨ଶହ କୋଟି !

ପୁଣି ଥରେ ବିଗ୍ ବସ୍ ଘରେ ଦେଖିବାକୁ ମିଳିବ ସଲମାନଙ୍କ ଦବଙ୍ଗଗିରି। ବଲିଉଡର ଭାଇଜାନ ନେବେ ବିଗ ବସ୍ ଘରର ପ୍ରତିଯୋଗିଙ୍କ କ୍ଲାସ୍। ଆଉ ମାତ୍ର ୩ ଦିନ । ପରଦାରେ ଦେଖିବାକୁ ମିଳିବ ବିଗ୍‌ବସ୍‌ର ଯାଦୁ। ଆଉ ଏହାର ମୁଖ୍ୟ ଆକର୍ଷଣ ସାଜିବେ ବଲିଉଡର ଦବଙ୍ଗ ଖାନ । ଏଥର ବି ସଲମାନ ସାଜିବେ ବିଗ ବସ୍ ହୋଷ୍ଟ ।

ବିଗ୍ ବସ୍‌ର ପ୍ରିମିୟମ ପରି ଏଥର ବି ସଲମାନଙ୍କ ଫିସ୍ ହଟ୍ ଗସିପ ପାଲଟିଛି। ମିଡିଆ ରିପୋର୍ଟ ଅନୁଯାୟୀ, ବିଗ୍ ବସ୍ ସିଜନ-୧୭ ପାଇଁ ଭାଇଜାନଙ୍କୁ ମିଳିଛି ମୋଟା ଅଙ୍କର ଫିସ୍।

ଚଳିତ ସିଜିନରେ ସପ୍ତାହ ପିଛା ସଲମାନ ୧୨ କୋଟି ଚାର୍ଜ କରିଥିବା ଜଣାଯାଇଛି। ତେଣୁ ଏପିସୋଡ ପିଛା ସେ ୬ କୋଟି ଚାର୍ଜ କରୁଥିବା ଅନୁମାନ କରାଯାଉଛି।

ଖବର ଅନୁଯାୟୀ, ଚଳିତ ସିଜିନ ହୋଷ୍ଟ କରିବାକୁ ବିଗ୍ ବସ୍‌ଙ୍କଠାରୁ ସଲମାନ ୨ଶହ କୋଟି ଚାର୍ଜ କରିଛନ୍ତି। ହେଲେ ସଲମାନ ଏହାକୁ କନଫର୍ମ କରି ନାହାନ୍ତି।

ବିଗ୍ ବସ୍ ୧୬ ପାଇଁ ସଲମାନ ହଜାରେ କୋଟି ନେଇଥିବା ଚର୍ଚ୍ଚା ହେଉଥିଲା। ମାତ୍ର ଏହାକୁ ସଲମାନ ଅସ୍ୱୀକାର କରିବା ସହ ପୂରା ଲାଇଫ୍‌ରେ ଏତେ ମିଳିବନି ବୋଲି କହିଥିଲେ।

ସଲମାନ ଟିଭିର ମୋଷ୍ଟ ପପୁଲାର ହୋଷ୍ଟ । ତାଙ୍କ ଷ୍ଟାଇଲ ଟିକେ ଭିନ୍ନ ହୋଇଥିବା ବେଳେ ଭାରତର ଟପ୍ ଚାର୍ଜ କରୁଥିବା ହୋଷ୍ଟଙ୍କ ମଧ୍ୟରୁ ସେ ଅନ୍ୟତମ ।

ସଲମାନଙ୍କ ଶୋ'କୁଭ ଭଲ ଟିଆରପି ମିଳିଥାଏ। ଦର୍ଶକଙ୍କ ପାଇଁ ବିଗ୍ ବସ୍ ଅର୍ଥ ସଲମାନ ଖାନ । ସେଥିପାଇଁ ଏହି ସିଜନ୍ ପ୍ରତିବର୍ଷ ହିଟ୍ ହେଉଥିବା ବେଳେ ବିଗ ବଗ ବି ସଲମାନଙ୍କୁ ହାତଖୋଲା ଫିସ୍ ଦେଇଥାନ୍ତି।

ଇସ୍ରାଏଲରୁ ଫେରିବା ପରେ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଲେ ନୁସରତ

ମୃତ୍ୟୁ ମୁଖରୁ ଅଳ୍ପକେ ବଞ୍ଚିଲେ ବଲିଉଡ ଅଭିନେତ୍ରୀ ନୁସରତ୍ ଭରୁଚା। ନିକଟରେ ଇସ୍ରାଏଲ୍-ପାଲେଷ୍ଟାଇନ୍ ଯୁଦ୍ଧରୁ ବର୍ତ୍ତିବା ପରେ ଭାରତ ଫେରିଛନ୍ତି ନୁସରତ। ଏହାପରେ ବଖାଣିଛନ୍ତି ଯୁଦ୍ଧର ଛାତିଥରା ଦୃଶ୍ୟ।

ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଫିଲ୍ମ ପ୍ରମୋସନ୍ ପାଇଁ ଇସ୍ରାଏଲ ଯାଇଥିଲେ ନୁସରତ। କିନ୍ତୁ ହଠାତ୍ ଯୁଦ୍ଧ ଆରମ୍ଭ ହେବା ପରେ ସେଠାରେ ସେ ଫଶି ଯାଇଥିଲେ। ତାଙ୍କୁ ନିକଟରେ ସୁରକ୍ଷିତ ଭାବେ ଭାରତ ଅଣାଯାଇଛି। ସେ ଆସିବା ପରେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଭିଡିଓ ଜାରି କରି ଯୁଦ୍ଧର ଭୟାବହତାକୁ କିଭଳି ଅଙ୍ଗେ ନିଭାଇଛନ୍ତି ତାହା ଜଣାଇଛନ୍ତି।

ଭିଡିଓରେ ନୁସରତ ଭାରି ଭାବୁକ ହୋଇପଡିଥିବା ଦେଖିବାକୁ ମିଳିଛି। ସେ କହିଛନ୍ତି, ଯେତେବେଳେ ହମ୍‌ଲା ହୋଇଥିଲା, ସେ ହୋଟେଲରେ ହିଁ ଥିଲେ। ହଠାତ୍ ହୋଟେଲ ଭିତରେ ହୋ ହଲ୍ଲା ହୋଇଥିଲା। ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ହୋଟେଲ ବେସ୍‌ମେଣ୍ଟକୁ ନିଆ ଯାଇଥିଲା। ଏହା ବେଶ୍ ଭୟଙ୍କର ଥିଲା। ସେ ଏଭଳି କେବେ ପୂର୍ବରୁ ଅନୁଭବ କରି ନଥିଲେ ବୋଲି କହିଛନ୍ତି।

ନୁସରତ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ଏବେ ମୁଁ ଘରକୁ ସୁରକ୍ଷିତ ଭାବେ ଫେରି ଆସିଛି। ମୁଁ ଠିକ୍ ଅଛି। କିନ୍ତୁ ଦୁଇ ଦିନ ପୂର୍ବରୁ ଯେତେବେଳେ ମୁଁ ହୋଟେଲରେ ଥିଲି ସେତେବେଳେ ବିସ୍ଫୋରଣ ଶବ୍ଦରେ ଥରି ଉଠିଥିଲି। ଭିନ୍ନ ଭିନ୍ନ ରକମର ସାଇରନ୍ ବାଜୁଥିଲା। ଆମ ସମସ୍ତଙ୍କୁ ତୁରନ୍ତ ବେସ୍‌ମେଣ୍ଟ ଭିତରକୁ ନିଆଯାଇଥିଲା। ସମସ୍ତ କବାଟ ଝରକା ବନ୍ଦ କରି ଦିଆଯାଇଥିଲା। ମୁଁ ନିଜକୁ ସୌଭାଗ୍ୟଶାଳୀ ମନେ କରୁଛି, ସେଠାରୁ ବଞ୍ଚି ଆସିଛି।

ଇସ୍ରାଏଲ୍ ଫେରିବା ପରେ ଭିଡିଓ ଜରିଆରେ ନୁସରତ ଭାରତ ସରକାରଙ୍କୁ

ଧନ୍ୟବାଦ ଜଣାଇଛନ୍ତି। କେବଳ ସେତିକି ନୁହେଁ ଇସ୍ରାଏଲ ଓ ଭାରତ ଏମ୍ବେସିକୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଯେଉଁମାନେ ଏବେ ବି ଯୁଦ୍ଧଗ୍ରସ୍ତ ଇସ୍ରାଏଲରେ ଫଶି ରହିଛନ୍ତି ସେମାନଙ୍କ ପାଇଁ ସେ ପ୍ରାର୍ଥନା କରିଛନ୍ତି। ନୁସରତଙ୍କ ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ଘମାଘୋଟ ଯୁଦ୍ଧ ଜାରି ରହିଛି। ଏହାରି ଭିତରେ ଏବେବି ଅନେକ ଲୋକେ ଫଶି ରହିଛନ୍ତି।

ନୂଆ ଫିଲ୍ମ ପାଇଁ ଆରମ୍ଭ କଲେ ପ୍ରସ୍ତୁତି: ସାଇକେଲ୍‌ରେ ୱାର୍କଆଉଟ୍ କରି ଭିଡିଓ ସେୟାର କଲେ ୮୭ ବର୍ଷୀୟ ଧର୍ମେନ୍ଦ୍ର

ସମ୍ପ୍ରତି ସୁପରଷ୍ଟାର ଧର୍ମେନ୍ଦ୍ରଙ୍କ ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଆଲୋଚନାର ପରିସର ଭିତରକୁ ଆସିଛି। ଯେଉଁଥିରେ ସେ ସାଇକେଲରେ ବ୍ୟାୟାମ ବା ୱାର୍କଆଉଟ୍ କରୁଥିବା ଦେଖିବାକୁ ମିଳିଛି। ଏବୟସରେ ବି ତାଙ୍କର ଉତ୍ସାହ ଦେଖି ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ୮୭ ବର୍ଷୀୟ ଧର୍ମେନ୍ଦ୍ର ନିଜକୁ ଫିଟ୍ ଦେଖାଯିବା ପାଇଁ ବ୍ୟାୟାମ କରୁଛନ୍ତି। ଆମେ କହିପାରିବା ଯେ ଧର୍ମେନ୍ଦ୍ର ଏବେ ତାଙ୍କ ନୂଆ ଚଳଚ୍ଚିତ୍ର ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତାଙ୍କର ସର୍ବଶେଷ ବ୍ୟାୟାମ ଭିଡିଓରେ ତାଙ୍କୁ ଅନେକ ମନ୍ତବ୍ୟ ଏବଂ ପ୍ରଶଂସା ମିଳିଛି।

ଖାଲିଟାରେ ଧର୍ମେନ୍ଦ୍ରଙ୍କୁ 'ହି ମ୍ୟାନ୍' କୁହାଯାଏ ନାହିଁ। ବଲିଉଡରେ ଫିଟନେସ୍ ଟ୍ରେଣ୍ଡ ଆରମ୍ଭ କରିଥିବା ଧର୍ମେନ୍ଦ୍ରଙ୍କ ବୟସ ୮୭ ବର୍ଷ, ତଥାପି ସେ ଫିଟନେସ ବିଷୟରେ ବହୁତ ସଚେତନ ରୁହନ୍ତି। ଏପରିକି ସଲମାନ ଖାନ ଧର୍ମେନ୍ଦ୍ରଙ୍କୁ ତାଙ୍କ ଫିଟନେସ ଗୁରୁ ଭାବରେ ବିବେଚନା କରନ୍ତି। କିଛି ସମୟ ପୂର୍ବରୁ ଧର୍ମେନ୍ଦ୍ରଙ୍କ ଅସୁସ୍ଥତା ଏବଂ ଆମେରିକାରେ ତାଙ୍କର ଚିକିତ୍ସା ହେବାର ଖବର ଆସିଥିଲା। କିନ୍ତୁ ଅଭିନେତା ଏହାକୁ ଖଣ୍ଡନ କରି କହିଛନ୍ତି ଯେ ସେ ସମ୍ପୂର୍ଣ୍ଣ ଭଲ ଅଛନ୍ତି ଏବଂ ଖୁବ୍ ଶୀଘ୍ର ଏକ ନୂଆ ଫିଲ୍ମ ପାଇଁ ସୁଟିଂ କରିବେ। ଧର୍ମେନ୍ଦ୍ର ବର୍ତ୍ତମାନ ଆମେରିକାରୁ ଫେରିଛନ୍ତି ଏବଂ ସିନେମା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଧର୍ମେନ୍ଦ୍ର ଏକ୍ସରେ ଏକ ନୂଆ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ସାଇକେଲରେ ୱାର୍କଆଉଟ୍ କରୁଥିବାର ଦେଖିବାକୁ ମିଳିଛି। ସେ ପ୍ରଶଂସକଙ୍କ ସହ ମଧ୍ୟ କଥାବାର୍ତ୍ତା କରି ସାଇକେଲ ଚଳାଇବାର ଅଧ ଘଣ୍ଟା ବିତିଯାଇଛି ବୋଲି ସେ କହିଛନ୍ତି। ସେ ଫିଲ୍ମ ପାଇଁ ପ୍ରସ୍ତୁତ ହେଉଛନ୍ତି। ଧର୍ମେନ୍ଦ୍ର ତାଙ୍କର ଏହି ନୂଆ ଚଳଚ୍ଚିତ୍ରର ନାମ ପ୍ରକାଶ କରିନାହାଁନ୍ତି, କିନ୍ତୁ ସେ ବହୁତ ଉତ୍ସାହିତ ଅଛନ୍ତି। ଚଳିତବର୍ଷ ଧର୍ମେନ୍ଦ୍ର ଫିଲ୍ମ 'ରକି ଅର ରାନୀ କି ପ୍ରେମ କାହାନି'ରେ ନଜର ଆସିଥିଲେ।

ସୋସିଆଲ୍ ମିଡିଆରେ ଫଟୋ ଓ ଭିଡିଓ ପୋଷ୍ଟ ନକରିବାର କାରଣ କହିଲେ ଦିବ୍ୟାଙ୍କା

ଦିବ୍ୟାଙ୍କା ତ୍ରିପାଠୀ ଟେଲିଭିଜନ ଜଗତର ଜଣେ ଜଣାଶୁଣା ଅଭିନେତ୍ରୀ। ଦିବ୍ୟାଙ୍କାଙ୍କ ଜୀବନ୍ତ ଅଭିନୟ ପାଇଁ ସେ ଘରେଘରେ ପରିଚିତ ଅଛନ୍ତି। ତାଙ୍କର ଅନେକ ଫ୍ୟାନ ଫୋଲୋଇଂ ବି ରହିଛନ୍ତି। ତେବେ ଦିବ୍ୟାଙ୍କା ଅନ୍ୟ ଅଭିନେତ୍ରୀଙ୍କ ତୁଳନାରେ ସୋସିଆଲ ମିଡିଆରେ ବିଶେଷ ସକ୍ରିୟ ନଥାଆନ୍ତି। ସେ ତାଙ୍କ ବ୍ୟକ୍ତିଗତ ଜୀବନ ସହିତ ଜଡ଼ିତ ବିଶେଷ କିଛି ଫଟୋ ଭିଡିଓ ସୋସିଆଲ ମିଡିଆରେ ସେୟାର କରି ନଥାଆନ୍ତି। ନିକଟରେ ସେ ଏପରି କାହିଁକି କରନ୍ତି ତାହାକୁ ଖୋଲାଖୋଲି ଭାବେ ଆଲୋଚନା କରିଛନ୍ତି। ଦିବ୍ୟାଙ୍କା କହିଛନ୍ତି, 'ମୁଁ ଯେ କୌଣସି ସ୍ଥାନକୁ ଯାଏ ବା ଥାଏ ସେହି ସମୟରେ ନିଜକୁ ହଜାଇ ଦେଇଥାଏ। ସେତେବେଳେ ଭିଡିଓ କରିବାକୁ କି ଫଟୋ ଉଠାଇବାକୁ ଭୁଲି ଯାଇଥାଏ। ଆଉ ମୋତେ ବି କୌଣସି ସ୍ଥାନକୁ ଗଲେ ବାରମ୍ବାର ଫୋନ କି କ୍ୟାମେରା ବାହାର କରି ଫଟୋ ଉଠାଇବା କି ଭିଡିଓ କରିବାକୁ ପସନ୍ଦ ଲାଗି ନଥାଏ। ତେଣୁ ମୁଁ ସୋସିଆଲ ମିଡିଆରେ ବିଶେଷ କିଛି ଫଟୋ କି ଭିଡିଓ ପୋଷ୍ଟ କରି ପାରି ନଥାଏ। କିଛିଦିନ ହେବ ମୁଁ କୌଣସି ସ୍ଥାନକୁ ଗଲେ ଫଟୋ ଉଠାଇବାକୁ ଓ ଭିଡିଓ କରିବାକୁ ଚେଷ୍ଟା କରୁଛି। ଏହା ମୋର ଇଚ୍ଛା ନୁହେଁ ମୋର ଅନୁଗାମୀମାନଙ୍କ ଅନୁରୋଧ ରକ୍ଷା କରି ମୁଁ କରୁଛି। କାରଣ ସେମାନଙ୍କ ଭଲ ପାଇବା ପାଇଁ ହିଁ ମୁଁ ଆଜି ଏତେ ବାଟ ଆସି ପାରିଛି। ଲୋକେ ମୋତେ ଚିହ୍ନି ପାରିଛନ୍ତି।'

ଆଉ ଏକାଠି ଦିଶିବେନି ସାମନ୍ଥା ଓ ନାଗା: ଆଗକୁ ବଢ଼ିସାରିଛନ୍ତି ଉଭୟ ଷ୍ଟାର

ଚାରି ବର୍ଷର ବୈବାହିକ ଜୀବନ ପରେ ଲୋକପ୍ରିୟ ଦକ୍ଷିଣ ଭାରତୀୟ ଦମ୍ପତି ଅଭିନେତ୍ରୀ ସାମନ୍ଥା ଓ ନାଗା ଚୈତନ୍ୟ ପରସ୍ପରକୁ ଛାଡ଼ପତ୍ର ଦେଉଥିବା ଖବର ଅକ୍ଟୋବର ୨, ୨୦୨୧ରେ ସାମାଜିକ ଗଣମାଧ୍ୟମରେ ଘୋଷଣା କରିଥିଲେ। ଏହି ଘୋଷଣା ଉଭୟଙ୍କ ପ୍ରଶଂସକଙ୍କ ହୃଦୟ ଭାଙ୍ଗି ଦେଇଥିଲା। ଦୁହେଁ ଅଲଗା ହେବା ପରେ ଏବେ ନିଜ ନିଜ କାମକୁ ନେଇ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ଏବେ ଛାଡ଼ପତ୍ରର ୨ବର୍ଷ ପରେ ନାଗା ଓ ସାମନ୍ଥା ପୁଣି ଥରେ ପ୍ୟାଚଅପ କରିଥିବା ଚର୍ଚ୍ଚା ହେଉଛି। ହେଲେ ଆମେ ଆପଣଙ୍କୁ ଜଣାଇ ଦେଉଛୁ ଯେ ସେହି ଚର୍ଚ୍ଚାକୁ ନେଇ ଆଦୌ ବି ଆଶାବାଦୀ ରୁହନ୍ତୁ ନାହିଁ। କାରଣ ଏହି ଯୋଡ଼ି ଆଉ କେବେ ବି ଏକାଠି ହେବେ ନାହିଁ। ସେ ଦୁହେଁ ନିଜ ନିଜ ଜୀବନରେ ଆଗକୁ ବଢ଼ି ସାରିଛନ୍ତି। ମଝିରେ ସେ ଦୁହିଁଙ୍କୁ ଏକତ୍ର ଦେଖି ପ୍ରଶଂସକ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ମାତ୍ର ସେମାନେ ନିଜ ପୋଷା କୁକୁର ପାଇଁ ବେଳେ ବେଳେ ପରସ୍ପରଙ୍କୁ ଭେଟନ୍ତି। ଯିଏକି ଏବେ ନାଗାଙ୍କ ସହ ରହୁଛି। ସାମନ୍ଥା ଏବେ ବିଦେଶ ଭ୍ରମଣ କରୁଥିବାରୁ କୁକୁର ନାଗାଙ୍କ ନିକଟରେ। ସେ ସେହି କୁକୁରକୁ ଭେଟିବାକୁ ବେଳେ ବେଳେ ତାଙ୍କ ପୂର୍ବ ସ୍ୱାମୀଙ୍କ ନିକଟକୁ ଯାଆନ୍ତି। କିଛି ଦିନ ତଳେ ଦେଖିବାକୁ ମିଳିଥିଲା ଯେ, ଛାଡ଼ପତ୍ର ପରେ ଇନଷ୍ଟାରେ ନାଗାଙ୍କ ସହ ସେୟାର କରିଥିବା ଫଟୋକୁ 'ଆରକାଇଭଡ୍' କରି ଦେଇଥିବା ସାମନ୍ଥା 'ଅନଆରକାଇଭଡ୍' କରିଦେଇଥିଲେ । ନିକଟରେ ନାଗା ଚୈତନ୍ୟ ତାଙ୍କ ଇନଷ୍ଟାଗ୍ରାମରେ ଏକ ଫଟୋ ସେୟାର କରିଛନ୍ତି । ଏହି ଫଟୋରେ ସାମନ୍ଥାଙ୍କ କୁକୁର ହ୍ୟାଶ ତାଙ୍କ ସହ ନଜର ଆସିଛନ୍ତି, ଯିଏ କାର ବାହାରକୁ ଅନାଇ ସୁନ୍ଦର ଦୃଶ୍ୟ ଉପଭୋଗ କରୁଛନ୍ତି ।



ଅଫତାବଙ୍କ ଆକାଉଣ୍ଟରେ କଳା କନା ବୁଲାଇଲେ ସାଇବର ଲୁଟେରା

ସାଇବର ଠକେଇଙ୍କ ଶିକାର ହେଲେ ବଲିଉଡ ହିରୋ ଅଫତାବ ଶିବଦସାନୀ। କଣଉ ଅପଡେଟ୍ କରିବା ନାଁରେ ସାଇବର ଠକ ଅଫତାବଙ୍କଠାରୁ ଲୁଟି ନେଲେ ଦେଢ ଲକ୍ଷ ଟଙ୍କା । ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଗତ ରବିବାର ଅଫତାବଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ଯେଉଁଥିରେ ତାଙ୍କୁ ନିଜ କଣଉ ଅପଡେଟ୍ କରିବାକୁ କୁହାଯାଇଥିଲା। ଏହାପରେ ଅଫତାବ ଉକ୍ତ ମେସେଜ ଉପରେ କ୍ଲିକ୍ କରିବାରୁ ତାଙ୍କ ଆକାଉଣ୍ଟରୁ ଦେଢ ଲକ୍ଷ ଟଙ୍କା କଟି ଯାଇଥିଲା। ଏନେଇ ସେ ବ୍ୟାଙ୍କକୁ ଅବଗତ କରିବା ପରେ ଥାନାରେ ଏକ ଅଭିଯୋଗ କରିଥିଲେ। ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଫତାବ ବଲିଉଡର ସୁପରହିଟ୍ ଫିଲ୍ମ ମସ୍ତ, ମସ୍ତି, ହଙ୍ଗାମା ଆଦି ଫିଲ୍ମରେ ଅଭିନୟ କରିଛନ୍ତି। ଅଫତାବଙ୍କ ପୂର୍ବରୁ ବଲିଉଡ ଅଭିନେତା ଜ୍ୟାକି ଶ୍ରଫଙ୍କ ପତ୍ନୀ ଆୟେଶା ଶ୍ରଫଙ୍କ ଆକାଉଣ୍ଟରୁ ୫୮ ଲକ୍ଷ ଟଙ୍କା ଲୁଟ୍ ହୋଇ ଯାଇଥିବା ଅଭିଯୋଗ ହୋଇଥିଲା। ଏହା ପୂର୍ବରୁ ବଲିଉଡ ଅଭିନେତା ଅନୁ କପୁରଙ୍କ ଆକାଉଣ୍ଟରୁ ୪ ଲକ୍ଷ ଟଙ୍କା ଠକେଇ ହେବା ଅଭିଯୋଗରେ ପୁଲିସ୍ ଜଣଙ୍କୁ ବାନ୍ଧିଥିଲା।

ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ପୁରୀ, ୧୨/୧୦ (ନି.ପ୍ର):ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ଅବସରରେ ରୁଚିକା ସମାଜ ମଙ୍ଗଳ ସଂଗଠନ ଓ କୈଳାଶ ସତ୍ୟର୍ଥୀ ଚିଲଡ୍ରେନ ଫାଉଣ୍ଡେସନର ମିଳିତ ସହଯୋଗରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମା, ଏସ. ପି. କେ. ବିଶାଲ ସିଂ,ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷ୍ୟା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ କମିଟି ର ଅଧକ୍ଷ୍ ଅଜିତ କୁମାର ମହାପାତ୍ର, ଡାଲସା ର ସମ୍ପାଦକ ଅମିତ କୁମାର ବାରିକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମତାମତ ଦେଇଥିଲେ ।ବାଲ୍ୟ ବିବାହରୁ ବର୍ତ୍ତିଥିବା ଜଣେ ମହିଳା ନିମାପଡା ର ଝରଣା ନାୟକ ଯୋଗ ଦେଇ ସେ କିପରି ବାଲ୍ୟ ବିବାହରୁ ବର୍ତ୍ତୀ ଯାଇଥିଲେ ସେ ଅନୁଭୂତି ସୁନ୍ଦର ଭାବରେ ବାଖ୍ୟା କରିଥିଲେ ।ଏହି କାର୍ଯ୍ୟକ୍ରମ ୧୦ଜଣ ଶିଶୁ କନ୍ୟା ଯୋଗ ଦେଇ ସମସ୍ତ ଅଧିକାରୀ ଙ୍କ ହାତରେ ରାଖି ବାନ୍ଧି ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଝରଣା ନାୟକ ଙ୍କ ଏକ ପୁସ୍ତକ ଉନ୍ମୋଚନ କରିଥିଲ ।ଏତଦ ବ୍ୟତୀତ ରୁଚିକା ସମାଜ ମଙ୍ଗଳ ସଂଗଠନର ପୁରୀ ଜିଲ୍ଲା ସଂଯୋଜକ ହେମନ୍ତ କୁମାର ଦାଶ, ଅନ୍ୟ କର୍ମ କର୍ତା ମାନେ ତାଟିନି ବିଶ୍ୱାଳ, ପ୍ରିତୀ ପ୍ରଜ୍ଞା ସ୍ୱାଇଁ ମାଲିକ ଶ୍ୱେଶ, କୁନୁମୁନୁ ବେହେରା, ମଣିଦୀପା ସାହୁ, ପ୍ରଦୀପ୍ତ କୁମାର ମୁଖି, ପ୍ରମୋଦ କୁମାର ବେହେରା, ସୁପ୍ରିୟା ମହାନ୍ତି ଇତ୍ୟାଦି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

ଲେଫ୍ରିପଡ଼ା ବନାଞ୍ଚଳରେ ମାତିଛି ହାତୀ: ଆକ୍ରମଣରେ ଜଣେ ମୃତ, ଓଏସଏପି ଯବାନ ଓ ମହିଳା ଗୁରୁତର

ସୁନ୍ଦରଗଡ଼, ୧୨/୧୦ (ନି.ପ୍ର): ଆଜି ସୁନ୍ଦରଗଡ଼ ବନଖଣ୍ଡ ଲେଫ୍ରିପଡ଼ା ବନାଞ୍ଚଳରେ ଏକ ଦନ୍ତା ଉତ୍ପାତ କରିଛି । ଗୁଣ୍ଡିଆଡିହି, ହଲମା ଓ ଖରଲଛାପଲରେ ହାତୀ ୩ ଜଣଙ୍କୁ ଆକ୍ରମଣ କରିଛି । ଜଣକର ମୃତ୍ୟୁ ହୋଇଥିବା ସୂଚନା ଆସିଥିବାବେଳେ ଜଣେ ଓଏସଏପି ଯବାନ ଓ ଜଣେ ମହିଳା ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ମୃତକ ଖରଲଛାପରର ବୋଲି ସୂଚନା ମିଳିଛି । ଆହତ ଦ୍ୱୟ ହେଲେ ହଲମାର ଓଏସଏପି ଯବାନ ସୁରେନ୍ଦ୍ର ବାର୍ଲା (୩୫) ଓ ମହିଳା ଗୁଣ୍ଡିଆଡିହିର ନାମ ପଦ୍ମିନୀ ବଇଗା(୪୫) । ଭୋରରୁ ଶୌଚ ପାଇଁ ଯାଇଥିବା ପଦ୍ମିନୀକୁ ହାତୀ ଶୁଣ୍ଢରେ ଉଠାଇ କଚାଡ଼ି ଦେଇଥିଲା । ପରେ ପରେ ସେଠାରୁ ହଲମା ଆସିଥିଲା । ଗାଁକୁ ଆସିଥିବା ଯବାନ ଗାଁ ଲୋକଙ୍କ ସହ ହାତୀକୁ ଘଉଡାଉ ଥିବାବେଳେ ହାତୀ ବୁଲି ପଡ଼ି ଆକ୍ରମଣ କରିଥିଲା । ଯବାନ ଗୁରୁତର ଆହତ ହୋଇଥିଲେ । ୨ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ସେଠାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ତେବେ ସେପଟେ ହାତୀଟି ହଲମାରୁ ଖରଲଛାପଲକୁ ଯାଇ ପୁଣି ଜଣକୁ ଆକ୍ରମଣ କରିଛି । ସେ ବ୍ୟକ୍ତିର ମୃତ୍ୟୁ ହୋଇଥିବା ସୂଚନା ଆସିଛି । କିନ୍ତୁ ମୃତ୍ୟୁ ସମ୍ପର୍କରେ ବନବିଭାଗ ସ୍ପଷ୍ଟ କରିନାହିଁ । ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଡାକ୍ତରଖାନାରେ ପହଞ୍ଚି ଆହତଙ୍କୁ ଭେଟିଛନ୍ତି ।

ଧର୍ମଶାଳାରେ ଜନସମ୍ପର୍କ ପଦଯାତ୍ରା ସମାପନ

ଧର୍ମଶାଳା, ୧୨/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଅକ୍ଟୋବର ୨ ତାରିଖରୁ ହେଉଥିବା ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଏହି ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଆଜି ଶେଷ ହୋଇଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନେତୃତ୍ୱରେ ଧର୍ମଶାଳା ବ୍ଲକ୍‌ର ୧୧ନଂ ଜୋନ ରାଇଛନ୍ଦା ପଂଚାୟତର ଅନ୍ଧାରଗୁଡିଠାରୁ ରେଖିଦେଇପୁର ପଂଚାୟତ, ୧୨ନଂ ଜୋନ ଜେନାପୁର ପଂଚାୟତଠାରୁ ବୃନ୍ଦାଦେଇପୁର ପଂଚାୟତ, ୧୩ନଂ ଜୋନ ଗଙ୍ଗାଧରପୁର ପଂଚାୟତର ନାକପୋଲ ବଜାରଠାରୁ କୁମାରୀ ପଂଚାୟତ, ୧୪ନଂ ଜୋନ ଅଭୟପୁର ପଂଚାୟତର ଅଚ୍ୟୁତପୁରଠାରୁ ଧର୍ମଶାଳା ରାଣୀ ଅହଲ୍ୟାବାଇ ବଙ୍ଗଳା ଓ ୧୫ନଂ ଜୋନ ଉତରପ୍ରତାପ ପଂଚାୟତର ନୀଳକଣ୍ଠପୁରଠାରୁ ମଙ୍ଗଳପୁର ପଂଚାୟତ ନୁଆକୂଳ ଠାରେ ଶେଷ ହୋଇଥିଲା । ଏହି ଜନସମ୍ପର୍କ ପଦଯାତ୍ରା ଏକକାଳୀନ ସକାଳ ୮ଘଟିକା ସମୟରେ ଆରମ୍ଭ ହୋଇ ୧୧ ଘଟିକାରେ ଶେଷ ହୋଇଥିଲା । ଏହି ପଦଯାତ୍ରାରେ ଯାଜୁପର ସଂସଦ ଶର୍ମିଷ୍ଠା ସେଠୀ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବାଙ୍କି ବିଧାୟକ ତଥା ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେଇ ଥିଲେ । ଜନସମ୍ପର୍କ ପଦଯାତ୍ରାରେ ପ୍ରତ୍ୟେକ ଜୋନରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଗାଁରେ ଚାଲିବା ସମୟରେ ଲୋକ ମାନଙ୍କର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଅତିଥିବୃନ୍ଦ ମାନଙ୍କୁ ବହୁ ସ୍ଥାନରେ ଗ୍ରାମବାସୀମାନେ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ପଦଯାତ୍ରାରେ ପ୍ରତ୍ୟେକ ଜୋନରେ ହଜାର ହଜାର କର୍ମୀମାନେ ସାମିଲ ହୋଇଥିଲେ । ଏହି ଜନସମ୍ପର୍କ ପଦଯାତ୍ରାରେ ଧର୍ମଶାଳା ବ୍ଲକ୍ ବିଜେଡି ସଭାପତି ତଥା ୧୪ନଂ ଜୋନ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତିଙ୍କ ସମେତ ସମସ୍ତ ଜୋନରେ ଜିଲା ପରିଷଦ ସଭ୍ୟ/ସଭ୍ୟା, ମହିଳା, ଯୁବ, ଛାତ୍ର ଏବଂ ଗାର୍ଲସ ୱିଙ୍ଗ୍ ଓ ଦଳୀୟ କର୍ମୀମାନେ ଏଥିରେ ସାମିଲ ହୋଇ ପଦଯାତ୍ରାକୁ ସଫଳ କରାଇ ଥିଲେ ।

ଦଶହରା ସମୟରେ ଆଇନ ଶୃଙ୍ଖଳା ଉପରେ ବୈଠକ

ଜୟପୁର , ୧୨/୧୦ (ନି.ପ୍ର): ଜୟପୁରରେ ଦଶହରା ସମୟରେ ଆଇନ ଶୃଙ୍ଖଳା ଉପରେ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ପୌର ସଭାଗୃହରେ ଆୟୋଜିତ ବୈଠକରେ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଏସଡିପିଓ ହରିଶ ବିସି, ପୌର ଅଧକ୍ଷ ତଥା ଘରୋଇ ବସ ମାଲିକ ସଂଘର ସଭାପତି ନରେନ୍ଦ୍ର କୁମାର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ସାଗରିକା ଷଡଙ୍ଗି, ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ସତ୍ୟା ନନ୍ଦ ପାତ୍ର ସହ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଡିଜେ ବନ୍ଦ, ୬୫ ଡେସିମିଲରୁ ଅଧିକା ସାଉଣ୍ଡ ନକରିବା, ମେଢରେ ସିସି କ୍ୟାମେରା ଲଗାଇବା, ଦଶହରା ପରଦିନ ମୃଣୟ ମୂର୍ତି ବିସର୍ଜନ କରିବା, ଶୋଭାଯାତ୍ରାରେ ଆଖାଡା ବନ୍ଦ ଆଦି ଉପରେ ଆଲୋଚନା କରାଯାଇଥିଲା ।

ବାଲିମେଳା ବିଜେପିର ୨୦ କର୍ମକର୍ତ୍ତାଙ୍କ ସମୂହ ଇସ୍ତଫା ଘଟଣା

ଇସ୍ତଫା ପତ୍ରରେ ୧୦ କର୍ମକର୍ତ୍ତା ନାମରେ ମିଥ୍ୟା ଦସ୍ତଖତ ଅଭିଯୋଗ

ମାଲକାନଗିରି, ୧୨/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ବାଲିମେଳା ନଗର ବିଜେପି ର ୨୦ କର୍ମକର୍ତ୍ତା ଗତ ସୋମବାର ଦିନ ବିଜେପି ରାଜ୍ୟ ସଭାପତି ଙ୍କ ଉଦ୍ଦେଶ୍ୟ ରେ ଦିଆଯାଇଥିବା ସମୂହ ଇସ୍ତଫା ପତ୍ରକୁ ମିଥ୍ୟା ପ୍ରମାଣିତ କରିଛି ବିଜେପି । ଏନେଇ ମଙ୍ଗଳବାର ସନ୍ଧ୍ୟା ରେ ବାଲିମେଳା ରେ ଜିଲ୍ଲା ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମଳ ସୁନାନୀ, ଜିଲ୍ଲା ଉପ ସଭାପତି ସୁବାସ ପଡ଼ିଆମୀ, ଜିଲ୍ଲା ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ, ଜିଲ୍ଲା ସାଧାରଣ ସମ୍ପାଦକ ଅକ୍ଷୟ ବିଶ୍ୱାଳ, ପୂର୍ବତନ ଜିଲ୍ଲା ସଭାପତି ଅଶୋକ ପରିଡା, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିସ୍ତାରକ ଗଣେଶ ମଣ୍ଡଳ, ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିସ୍ତାରକ ଯଜ୍ଞସେନ ସାମଲ, ପୂର୍ବତନ ବାଲିମେଳା ନଗର ସଭାପତି ଶୁଭାଶିଷ କର ଓ ପ୍ରଦୀପ ନାୟକ, ବାଲିମେଳା ଏନଏସି କାଉନସିଲର ମନୋଜଦେବ ପାଙ୍ଗି, ସଂଖ୍ୟା ଲଘୁ ଜିଲ୍ଲା ସଭାପତି ଜେ ଦିଲ୍ଲୀପ, ନଗର ସଭାପତି ଶିବଦତ୍ତ ସାହୁ ଙ୍କ ସମେତ ଅନ୍ୟ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ । ତେବେ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଘଟଣା ର ସତ୍ୟାସତ୍ୟ ବିସ୍ତୃତ ଭାବେ ଦର୍ଶାଇଛି ବିଜେପି । ସୂଚନା ଥାଉ କି ଗତ ସୋମବାର ଦିନ ବାଲିମେଳା ନଗର ବିଜେପି ର ୨୦ ଜଣ କର୍ମକର୍ତ୍ତା ଦଳରୁ ସମୂହ ଇସ୍ତଫା ଦେଇଥିବା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରକାଶିତ ହୋଇଥିଲା । ଏହାପରେ ଜିଲ୍ଲା ବିଜେପି ସଭାପତି ନିମାଇଁ ପାଲ ଙ୍କ ନିର୍ଦ୍ଦେଶକ୍ରମେ ବାଲିମେଳା ବିଜେପି ର ନଗର ସଭାପତି ଙ୍କ ସମେତ ଅନ୍ୟ କର୍ମୀ ମାନେ ମିଳିତ ଭାବେ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ । ଏଥିସହ ଇସ୍ତଫା ପତ୍ର ରେ ଦସ୍ତଖତ କରିଥିବା ଏବଂ ନାମ ଉଲ୍ଲେଖ ଥିବା କର୍ମକର୍ତ୍ତା ମାନଙ୍କୁ ଏହି ଟିମ ବ୍ୟକ୍ତିଗତ ଭାବେ ସେମାନଙ୍କ ନିକଟକୁ ଯାଇ ଘଟଣା ର ସତ୍ୟତା ସମ୍ପର୍କରେ ପଚାରି ବୁଝିଥିଲେ । ଅନୁସନ୍ଧାନ ରୁ ମିଳିଥିବା ଏହି ଘଟଣା ର ସମସ୍ତ ସତ୍ୟାସତ୍ୟ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ବିଜେପିର ନେତୃ ମଣ୍ଡଳୀ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ଖାଲି ଏତିକି ନୁହେଁ ଇସ୍ତଫା ପତ୍ରରେ ଦସ୍ତଖତ ଓ ନାମ ଥିବା କର୍ମକର୍ତ୍ତା ମାନଙ୍କ ମଧ୍ୟରୁ ରଞ୍ଜିତ ବେହେରା, ବଳରାମ ସ୍ୱାଇଁ, କୁନୁ ପାଙ୍ଗି, ଉତ୍କଳ ଚନ୍ଦ୍ର ମୁଦୁଲି, ସୋନୁ ନାଗ, ସୁରେନ୍ଦ୍ର ସୋଡି, ଆଶୁ କଲଞ୍ଜିଆ ଓ ସୁଦର୍ଶନ ଡାକୁଆ ପ୍ରମୁଖ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ବିଜେପି ର ସାମ୍ବାଦିକ ସମ୍ମିଳନୀରେ ସ୍ୱଇଚ୍ଛା ରେ ଉପସ୍ଥିତ ରହି ସେମାନେ ଏହି ଇସ୍ତଫା ଦେବା ଘଟଣା ସମ୍ପର୍କରେ ଜାଣି ନଥିବା ଓ ତାଙ୍କ ନାମରେ କେହି ମିଥ୍ୟା ଦସ୍ତଖତ କରିଥିବା ସମ୍ପର୍କରେ ଅଭିଯୋଗ ଆଣି ଗଣମାଧ୍ୟମ ପ୍ରତିନିଧିମାନଙ୍କ ସମ୍ମୁଖରେ ମତବ୍ୟକ୍ତ କରିଥିଲେ । ବାଲିମେଳା ନଗର ବିଜେପି ର ଅଭିଯୋଗ ଅନୁଯାୟୀ ଇସ୍ତଫା ପତ୍ରରେ ନକଲି ଦସ୍ତଖତ ହୋଇଥିବା ୧୦ ଜଣ କର୍ମକର୍ତ୍ତା ଙ୍କୁ ବାଦ ଦେଲେ ଅନ୍ୟ ୧୦ ଜଣଙ୍କ ମଧ୍ୟରୁ ବିଜୟ କ୍ରିଷ୍ଣା ଦାସ, ଚିତ୍ରସେନ ସ୍ୱାଇଁ, ସୀମାଞ୍ଚଳ ପ୍ରଧାନ, ତ୍ରିନାଥ ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ଚାଲାଣ କେବଳ ଏହି ୫ ଜଣ ବିଜେପି ର କର୍ମକର୍ତ୍ତା ଥିଲେ । ଅବଶିଷ୍ଟ କର୍ମକର୍ତ୍ତା ମାନେ କେବେ ବି ଭାରତୀୟ ଜନତା ପାର୍ଟିର ପ୍ରାଥମିକ ସଦସ୍ୟତା ଗ୍ରହଣ କରିନଥିବା ବିଜେପି ସୂଚନା ଦେଇଛି । ବିଡମ୍ବନା ର ବିଷୟ ଅବଶିଷ୍ଟ ୫ ଜଣଙ୍କ ମଧ୍ୟରୁ କିଛି କର୍ମକର୍ତ୍ତା ଅନ୍ୟ ଦଳର କାର୍ଯ୍ୟକର୍ତା ଥାଇ ବିଜେପି ରୁ କିପରି ଇସ୍ତଫା ଦେଲେ ଏହା ଏକ ହାସ୍ୟାସ୍ପଦ କଥା ବୋଲି ବିଜେପି କହିଛି । ସୂଚନା ଥାଉ କି ୪ ମାସ ପୂର୍ବେ କୌଣସି କାରଣରୁ ସୀମାଞ୍ଚଳ ପ୍ରଧାନ ଦାୟିତ୍ୱ ରେ ଥିବା ପଦବୀ ରୁ ଏକ ଇସ୍ତଫା ପତ୍ର ଜିଲ୍ଲା ସଭାପତି ଙ୍କୁ ପ୍ରଦାନ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ନକଲି ଦସ୍ତଖତ ହୋଇଥିବା କର୍ମକର୍ତ୍ତା ମାନଙ୍କ ବୟାନ ଏବଂ ଉପରୋକ୍ତ ସମସ୍ତ ଘଟଣା ର ସତ୍ୟାସତ୍ୟ ପଦା କୁ ଆସିବା ପରେ ଏହି ଘଟଣା କୁ ବିଜେପି ର ନେତୃ ମଣ୍ଡଳୀ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଏଥିସହ ଦଳ କୁ ବଦନାମ କରିବା ପାଇଁ କିଛି ଙ୍କ ପକ୍ଷରୁ କୁଚକ୍ରାନ୍ତ କରାଯାଇଥିବା ଦଳ ଅଭିଯୋଗ ଆଣିଛି । ମୁଖ୍ୟତଃ ରାଜ୍ୟ ସଭାପତି ଙ୍କ ଉଦ୍ଦେଶ୍ୟ ରେ ଦିଆଯାଇଥିବା ଇସ୍ତଫା ପତ୍ର ହୋଇଥିବା ନକଲି ଦସ୍ତଖତ ର ସତ୍ୟତା ରାଜ୍ୟ ଓ ଜିଲ୍ଲାବାସୀ ଜାଣିବା ପାଇଁ ଏହାକୁ ଫୋରେନସିକ ଲ୍ୟାବ ପଠାଇ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଏଭଳି ବେଆଇନ କାର୍ଯ୍ୟ ରେ ଲିପ୍ତ ଥିବା ଦୋଷୀ ଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସଭାପତି ଙ୍କୁ ଜିଲ୍ଲା ପକ୍ଷରୁ ନିବେଦନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱରେ ଦେଶବାସୀ ଙ୍କ ନିମନ୍ତେ ହେଉଥିବା ଜନହିତକର କାର୍ଯ୍ୟ ପାଇଁ ଦେଶ ର ବିଭିନ୍ନ ପ୍ରାନ୍ତ ର ପ୍ରତିଦିନ ବହୁ ଲୋକ ବିଜେପି ଯୋଗ ଦେଉଛନ୍ତି । ଜାତୀୟ ସ୍ତରରେ ମଧ୍ୟ ଲୋକଙ୍କ ଲୋକପ୍ରିୟତା ରହିଥିବା ଦେଖିବାକୁ ମିଳୁଛି । ଏଭଳି ସ୍ଥିତିରେ ଯଦି ଜଣେ ଦୁଇ ଜଣ ନିଜ ସ୍ୱାର୍ଥ ପାଇଁ ଦଳ ଛାଡିବେ ତେବେ ଏହାର କୌଣସି ପ୍ରଭାବ ଦଳରେ ଆଦୌ ? ପଡିବ ନାହିଁ ବୋଲି ବାଲିମେଳା ନଗର ସଭାପତି ଶିବଦତ୍ତ ସାହୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ମହୁଲି ମଦ ହୋମ ଡେଲିଭରିକୁ ନେଇ ଉତେଜନା

ଚମ୍ପୁଆ, ୧୨/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅଂଚଳରେ ଏବେ ମହୁଲି ମଦର ବନ୍ୟା ଛୁଟି ଥିବା ଦେଖିବାକୁ ମିଳୁଛି । ପୂର୍ବରୁ ବେଆଇନ ଭାବେ ଲୁଚା ଚୋରାରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରାଯାଉଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ ଭୟରେ ଦେଶୀ ମହୁଲି ମଦ ବେପାରୀ ମାନେ ଡରି ଡରି ମଦ ବେପାର କରୁଥିଲେ । ଏବେ କିନ୍ତୁ ଚିତ୍ର କିଛି ଅଲଗା । ସରକାର ଗାଁ ଗାଁ ରେ ସରକାରୀ ଦେଶୀ ମହୁଲି ମଦ ଭାଟି ସ୍ଥାପନ କରିବାକୁ ଲାଇସେନ୍ସ ପ୍ରଦାନ କରିବା ଯୋଗୁଁ ଚମ୍ପୁଆ ବ୍ଲକ ଅଂଚଳରେ ଅବାଧ ମହୁଲି ମଦ ବିକ୍ରି ବଢ଼ିବାରେ ଲାଗିଛି । ଏପରି ଏକ ସରକାରୀ ମହୁଲି ଭାଟି ଚମ୍ପୁଆ ବ୍ଲକର ରିମୁଳି ଠାରେ ସ୍ଥାପିତ ହୋଇଥିବା ବେଳେ ଏହି ସରକାରୀ ମହୁଲି ଭାଟି ସ୍ଥାନୀୟ ଚୋରା ମଦ ବେପାରୀଙ୍କ ପାଇଁ ବିଲେଇ କପାଳରେ ଶିକା ଛିଣ୍ଡିବା ସଦୃଶ୍ୟ ହୋଇଛି । ପୂର୍ବରୁ ସ୍ଥାନୀୟ ଚୋରା ମହୁଲି ମଦ ବେପାରୀ ମାନେ ପୋଲିସ ଓ ଅବକାରୀ ବିଭାଗ ଠାରୁ ଲୁଚାଇ ମହୁଲି ମଦ ନେଇ ଆସୁଥିବା ବେଳେ ବାଟରେ ପୋଲିସ ଓ ଅବକାରୀ ବିଭାଗ ହାତରେ ଧରା ପଡି ଜେଲ ଯିବା ଭୟ ରହୁଥିଲା କିନ୍ତୁ ଏବେ ସେପରି ସ୍ଥିତି ନାହିଁ । ଏବେ ଲାଇସେନ୍ସ ପ୍ରାପ୍ତ ସରକାରୀ ମହୁଲି ମଦ ଭାଟିର କର୍ମଚାରୀ ମାନେ ମହୁଲି ମଦ ପାଉଚକୁ ଅଖାରେ ପୁରାଇ ନିଜେ ବାଇକ୍ ରେ ନେଇ ଗାଁ ଗାଁ ବୁଲି ଚୋରା ମଦ ବେପାରୀ ମାନଙ୍କୁ ବିକ୍ରି କରିବା ପାଇଁ ଦେଇ ଆସୁଛନ୍ତି । ମହୁଲି ମଦ ହୋମ ଡେଲିଭରି ହେଉଥିବା ଦ୍ୱାରା ରିମୁଳି ଅଂଚଳରେ ସାହି ସାହିରେ ମହୁଲି ମଦ ମିଳୁଥିବା ଯୋଗୁଁ ଗାଁ ରେ ମଦ୍ୟପଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଛି । ଗାଁ ର ପୁରୁଷ ମାନେ ମହୁଲୀ ମଦ ପିଇ ଅସୁସ୍ଥ ହେବା ପରେ ରୋଗଗ୍ରସ୍ତ ହୋଇ ମୃତ୍ୟୁ ବରଣ କରୁଥିବା ବେଳେ ଏବେ ଯୁବକ ଓ କିଶୋର ମାନେ ମଧ୍ୟ ଏହି ମହୁଲୀ ମଦ ନିଶା କବଳରେ ପଡ଼ିବାରେ ଲାଗିଲେଣି । ଏହି ମହୁଲି ମଦ ପିଇ ଅନେକ ପୁରୁଷ ଯୁବ ବୟସରେ ମୃତ୍ୟୁ ବରଣ କରିବା ଯୋଗୁଁ ସେମାନଙ୍କ ବିଧବା ପତ୍ନୀ ମାନେ ଅନେକ ଦୁଃଖ କଷ୍ଟ ରେ ଜୀବନ ଅତିବାହିତ କରୁଛନ୍ତି । ପୁରୁଷ ମାନେ ମହୁଲି ମଦ ପିଇ ନିଶାସକ୍ତ ଅବସ୍ଥାରେ ମହିଳା ମାନଙ୍କୁ ମାର ପିଟ ଓ ଗାଳି ଗୁଲଜ କରୁଥିବା ଯୋଗୁଁ ଗାଁ ର ମହିଳା ମାନେ ଗାଁ ରେ ଏହି ମହୁଲି ମଦ ର ପ୍ରଚଳନ ବନ୍ଦ କରିବାକୁ ଅଣ୍ଟା ଭିଡ଼ି ଥିଲେ । ସବୁ ଦିନ ପରି ରିମୁଳି ଠାରେ ଥିବା ସରକାରୀ ମହୁଲି ମଦ ଭାଟିର ଦୁଇ ଜଣ କର୍ମଚାରୀ ଆଜି ଏକ ବାଇକ ଯୋଗେ ଗୋଟିଏ ପ୍ଲାଷ୍ଟିକ ଅଖାରେ ମହୁଲି ମଦ ପୁରାଇ ନେଇ ମହୁଲି ମଦ ବେପାରୀକୁ ଦେବା ପାଇଁ ଯାଉଥିବା ବେଳେ ସ୍ଥାନୀୟ ମହିଳା ମାନେ ସେମାନଙ୍କୁ ଘେରି ଯାଇ ବିରୋଧ କରିଥିଲେ । ମହିଳା ମାନଙ୍କ କହିବା ଅନୁସାରେ ଯଦି ସରକାର ତାଙ୍କୁ ମହୁଲି ମଦ ଭାଟି କରିବାକୁ ଅନୁମତି ଦେଇଛନ୍ତି ତେବେ ସେମାନେ ତାଙ୍କ ଭାଟି ରେ ମଦ ତିଆରି କରି ସେହିଠାରେ ହିଁ ମହୁଲି ମଦ ବିକ୍ରି କରନ୍ତୁ । ଘର ଘର ସାହି ସାହି ବୁଲି ସେମାନେ ଚୋରା ମଦ ବେପାରୀଙ୍କୁ ମହୁଲି ମଦ ହୋମ ଡେଲିଭରି କରନ୍ତୁ ନାହିଁ ।

ଅନ୍ତର୍ଜାତୀୟ ଶିଶୁ କନ୍ୟାଦିବସ ଅବସରରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଶୁଭାରମ୍ଭ

ବଲାଙ୍ଗୀର , ୧୨/୧୦ (ନି.ପ୍ର): ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ବଲାଙ୍ଗିର ଠାରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ଉପଲକ୍ଷେ ଏକ ରାଲୀ, ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ କୋଶଳ କଳା ମଣ୍ଡଳ ପଡିଆ ପର୍ଯ୍ୟନ୍ତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଏକ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଛି ।ଏହି ଅବସରରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସୁଶାନ୍ତ କୁମାର ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହାପରେ କୋଶଳ କଳା ମଣ୍ଡଳ ପଡିଆ ଠାରେ ସମସ୍ତ ବାଳିକା ମାନଙ୍କୁ ନେଇ ଏକ ଶିଶୁ କନ୍ୟା ଦ

ଜାତିଭିତ୍ତିକ ଜନଗଣନା ଓ ବିହାର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଜନଗଣନାର ରିପୋର୍ଟ ପ୍ରକାଶିତ ହେବା ପରେ ଯେଉଁ ରାଜନୈତିକ ଚଳନ ଦେଶରେ ଆରମ୍ଭ ହୋଇଛି, ତାହା ସମଗ୍ର ଦେଶର ରାଜନୀତିକୁ ଦୁଇଟି ମେରୁରେ ବିଭକ୍ତ କରିଦେବ। ଗୋଟିଏ ପଟେ ସାମାଜିକ ନ୍ୟାୟର ସପକ୍ଷବାଦୀ ମଣ୍ଡଳବାଦୀ ଗୋଷ୍ଠୀ ଓ ଅନ୍ୟପଟେ ଏହାକୁ ବିରୋଧ କରୁଥିବା କମଣ୍ଡଳବାଦୀ ଗୋଷ୍ଠୀ। ୧୯୯୦ ମସିହାର ମଣ୍ଡଳ ଓ କମଣ୍ଡଳ ଲଢେଇ ପୁଣି ଏବେ ଭିନ୍ନରୂପରେ ଘନୀଭୂତ ହେଉଛି। ତଫାତ୍ ହେଉଛି ସେ ସମୟରେ କଂଗ୍ରେସ ନେପଥ୍ୟେ କମଣ୍ଡଳର ପକ୍ଷଧର ଥିଲା, କିନ୍ତୁ ଏବେ ଏହା ମଣ୍ଡଳର ନେତୃତ୍ୱ ନେଉଛି। ଦେଖିବାକୁ ହେବ ଇଣ୍ଡିଆର ସାମାଜିକ ନ୍ୟାୟ ରୂପକ ବକ୍ରବାଣକୁ ଏନଡିଏ କିପରି ପ୍ରତିହତ କରୁଛି।

ବିହାରରେ ଜାତିଭିତ୍ତିକ ଜନଗଣନାର ଯେଉଁ ତରଙ୍ଗ ଆରମ୍ଭ ହୋଇଛି ତାହା ଆଉ ବିହାରରେ ସୀମିତ ରହିବ ନାହିଁ। ଏ ତରଙ୍ଗ ଦେଶର କୋଣ ଅନୁକୋଣରେ ପହଞ୍ଚିବ। ଆମ ରାଜ୍ୟ ଓଡ଼ିଶା ମଧ୍ୟ ବାଦ୍ ପଡିବ ନାହିଁ। ଆଗରୁ ଓଡିଶାରେ ଜାତିଭିତ୍ତିକ ଜନଗଣନା ପାଇଁ ଦାବୀ ହୋଇଆସିଛି। ରାଜ୍ୟ ସରକାର ଏସଇବିସି ସର୍ଭେ କରାଇଛନ୍ତି। ଏହା ବିହାର ତୁଲ୍ୟ ଜାତିଗତ ଜନଗଣନା ନୁହେଁ। ତେଣୁ ଚାରିଆଡ଼େ ଦାବୀ ହେଉଛି ବିହାର ତୁଲ୍ୟ ଜାତିଭିତ୍ତିକ ଜନଗଣନା କରିବା ପାଇଁ। ଯେଉଁଥିରେ ପ୍ରତ୍ୟେକ ଜାତିର ପରିସଂଖ୍ୟାନ ଓ ସାମଗ୍ରିକ ସ୍ଥିତି ସ୍ଥାନିତ ହେବ। ଏପରିକି ଓଡ଼ିଶାର ଅଗ୍ରସର ବର୍ଗର ଅନ୍ତର୍ଗତ ଜାତିମାନଙ୍କ ପରିସଂଖ୍ୟାନ ମଧ୍ୟ ରହିବ। ସେମାନଙ୍କ ସଂଖ୍ୟା କେତେ, ସେମାନେ ଶାସନ ଓ ପ୍ରଶାସନରେ କେତେ ଅଛନ୍ତି, ଶିକ୍ଷା ଓ ଆର୍ଥିକ ବିକାଶ କ୍ଷେତ୍ରରେ କେତେ ଆଗେଇଛନ୍ତି, ତାହାର ମଧ୍ୟ ସ୍ପଷ୍ଟ ଚିତ୍ର ମିଳିବ। ବିହାରର ଏ ତରଙ୍ଗ ଦେଶରେ ତଥା ରାଜ୍ୟରେ କେଉଁରୂପ ନେବାକୁ ଯାଉଛି ତାହାର ଆକଳନ ପାଇଁ ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ।

+ ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

କୋଷ୍ଟଗାର୍ଡ ମହାନିର୍ଦ୍ଦେଶକଙ୍କ ତିନିଦିନିଆ ଉତ୍ତର ପୂର୍ବାଞ୍ଚଳ ଗସ୍ତ

ପାରାଦୀପ, ୧୨/୧୦ (ନି.ପ୍ର): କୋଷ୍ଟଗାର୍ଡ ଡାଇରେକ୍ଟର ଜେନେରାଲ (ଡିଜି) ରାକେଶ ପାଲ ୩ ଦିନିଆ ପୂର୍ବାଞ୍ଚଳ ରାଜ୍ୟ ପଶ୍ଚିମବଙ୍ଗ ଏବଂ ଓଡିଶା ଗ୍ରସ୍ତ ବୁଧବାର କରିଛନ୍ତି।ପ୍ରଥମେ କୋଲକାତା କୋଷ୍ଟଗାର୍ଡ ମୁଖ୍ୟାଳୟରେ ପହଂଚିବା ପରେ ତାଙ୍କୁ ୫୦ ଜଣିଆ ଯବାନ ଟିମ ଗାର୍ଡ ଅଫ ଅନର ଦେଇଥିଲେ।ଏହି ଅବସରରେ ସେ ପୂର୍ବ ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାର କାର୍ଯ୍ୟକ୍ରମ ରହିଛି।ଏନେଇ ସେ ପଶ୍ଚିମବଙ୍ଗ ଓ ଓଡିଶା ସରକାରଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଓଡିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ପାରାଦୀପ ପକ୍ଷରୁ ସୂଚନା ମିଳିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

ଓଡ଼ିଶାକୁ କାହିଁକି ଆସୁନି ...

ଓଡ଼ିଶାରେ ସାମ୍ବିଧାନିକ ସରକାର ଚାଲିନି ଓ ଦୁର୍ନୀତି ସବୁ ସୀମା ଟପିଥିବା ନେଇ ଅଭିଯୋଗ କରାଯିବ । ସାଧାରଣ ନିର୍ବାଚନ ପୂର୍ବରୁ ଇଡି ଓ ସିବିଆଇ ମାଧ୍ୟମରେ ଚାପ ପକାଇବାକୁ ବିଜେପି ବିଧାୟକ ଦଳ ପକ୍ଷରୁ ହେଉଥିବା ପ୍ରୟାସକୁ ନେଇ ବିଜେଡି ମହଲରେ ଛନକା ପଶିଛି । ଦିଲ୍ଲୀ ଗସ୍ତରୁ ଫେରିବା ପରେ ଓଡ଼ିଶାରେ ଇଡି ଓ ସିବିଆଇ ଅଧିକ ସକ୍ରିୟ ହେବ ବୋଲି ବିଜେପି ବିଧାୟକମାନେ ଆଶାବାଦୀ ଅଛନ୍ତି । ଆଉ ଏପଟେ କଂଗ୍ରେସ ଏହା କେବଳ ଧର୍ମକୁ ଆଖିଠାର ବୋଲି କହିବା ସହ ବିଜେଡି-ବିଜେପି ଭାଇଭାଇ ଅଛନ୍ତି ଓ ସେମିତି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେବନି ବୋଲି କହିଛି । ସୂଚନା ଅନୁସାରେ, ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ରରେ ନେତୃତ୍ୱାଧୀନ ବିଜେପି ସରକାରକୁ ବିଜେଡି ଅଯାଚିତ ସମର୍ଥନ ଦେଇ ଆସୁଛି । ଆଉ ଏହାକୁ ନେଇ ବିଜେଡି ଓ ବିଜେପି ଏକ ବୋଲି କଂଗ୍ରେସ କରୁଥିବା ଅଭିଯୋଗ ଏବଂ ସାଧାରଣ ଲୋକଙ୍କ ମନରୁ ଦ୍ୱନ୍ଦ୍ୱ(ବିଜେଡି ଓ ବିଜେପିର ସମ୍ପର୍କକୁ ନେଇ) ଦୂର କରିବା ଉଦ୍ଦେଶ୍ୟରେ ବିଜେପି ଏବେ ଦିଲ୍ଲୀ ଗସ୍ତରେ ଯିବାକୁ ନିଷ୍ପତ୍ତି ନେଇଛି । ଜାତୀୟ ନେତୃତ୍ୱଙ୍କ ବିନା ସମ୍ମତିରେ ବିଜେପି ବିଧାୟକ ଦଳ ଦିଲ୍ଲୀ ଯିବାର ସମ୍ଭାବନା କ୍ଷୀଣ । ତେଣୁ ସାଧାରଣ ନିର୍ବାଚନ ପୂର୍ବରୁ ନିଜ ଦଳର କର୍ମୀମାନଙ୍କୁ ଉତ୍ସାହିତ କରିବା ଓ ସାଧାରଣ ଭୋଟରଙ୍କ ମଧ୍ୟରେ ବିଜେଡି ସରକାର ପ୍ରତି ରହିଥିବା ଆକ୍ରୋଶକୁ ନିଜ ସପକ୍ଷରେ ନେବା ପାଇଁ ବିଜେପି ଏଭଳି ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି । ବିଜେପି ବିଧାୟକ ଦଳ ନେତା ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଆଜି ଏହି ସୂଚନା ଦେବା ପରେ ବିଜେଡିରେ ଛନକା ପଶିଛି ।

ସଇତାନ ବାପା....

ବ୍ରାହ୍ମଣୀ ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖି ବାପାକୁ ଅଟକ ରଖି ପଚରାଉଚାର କରୁଛି । ହତ୍ୟାର କାରଣ ଅସ୍ପଷ୍ଟ ରହିଛି । ତେବେ କାହିଁକି ଜଣେ ବାପା ଏପରି ଚରମ ପଦକ୍ଷେପ ନେଲେ, ସେତେବେଳେ ଘରର ଅନ୍ୟ ସଦସ୍ୟ କେଉଁଆଡ଼େ ଯାଇଥିଲେ ଆଦି ସମସ୍ତ ଘଟଣାର ତନ ତନ ଯାଞ୍ଚ କରୁଛି ପୁଲିସ୍ ।

ବିଜେଡି ପଦଯାତ୍ରାରେ ମନ୍ତ୍ରୀ...

ଜନ ସମ୍ପର୍କ ପଦଯାତ୍ରାରେ ବିଧାୟକଙ୍କ ଅନୁପସ୍ଥିତ ନେଇ ପ୍ରତାପ ଦେବଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ନାନା ପ୍ରଶ୍ନ ପଚାରିଥିଲେ। ବିଧାୟକଙ୍କ ଦେହ ଖରାପ ଅଛି। ବର୍ତ୍ତମାନ ଗରମରେ ଯେମିତି ଗୁଳିଗୁଳି ହେଉଛି ତାଙ୍କୁ ଆଣି ହଇରାଣ କରିବାକୁ ଚାହୁଁନାହୁଁ ବୋଲି ପ୍ରତାପ ଦେବ କହିଥିଲେ। ଅନ୍ୟପକ୍ଷରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ କହିଛନ୍ତି, ନିର୍ବାଚନ ପାଖେଇ ଆସିଲେ ପ୍ରାର୍ଥୀ ଘୋଷଣା କରାଯାଇଥାଏ। ମାନ୍ୟବର ମୁଖ୍ୟମନ୍ତ୍ରୀ ଦଳର ସଭାପତି ଭାବେ ଘୋଷଣା କରନ୍ତି। ଇଏ କେମିତି ଘୋଷଣା କରିଦେଲେ ମୁଁ କିଛି କହିପାରିବି ନାହିଁ। ଗତକାଲି ବସ୍ତାରେ ହୋଇଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରାକୁ ମୋତେ ଡକାଯାଇଥିଲା। ମୁଁ ଅସୁସ୍ଥ ଥିବାରୁ ଯାଇପାରି ନଥିଲି। ବିଜୁ ଜନତା ଦଳରୁ ଯିଏ ଟିକେଟ ପାଇବ ମୁଁ ତାକୁ ସମର୍ଥନ କରିବି।

ଚିଟ୍‌ଫଣ୍ଡ ସଂସ୍ଥା...

ଶାଖା କାର୍ଯ୍ୟାଳୟ ଖୋଲି ଏହି ସଂସ୍ଥା ଜମାକାରୀଙ୍କଠାରୁ ଅର୍ଥ ଆଦାୟ କରିଥିଲା। ତେବେ ରାତାରାତି ଶାଖା କାର୍ଯ୍ୟାଳୟ ବନ୍ଦ ହୋଇଯିବା ପରେ ଜମାକାରୀ ଆଉ ଟଙ୍କା ଫେରସ୍ତ ପାଇନଥିଲେ। ଏ ସଂକ୍ରାନ୍ତରେ ଉଦଳା ଥାନାର ତତ୍କାଳୀନ ଥାନା ଅଧିକାରୀ ସୁବ୍ରତ ବେହେରା ସଂସ୍ଥାର ଶାଖା ପରିଚାଳକ ସଂଗ୍ରାମ କିଶୋର ପାତ୍ରଙ୍କ ସମେତ ପଶ୍ଚିମବଙ୍ଗ ଉତ୍ତର ଚବିଶପ୍ରଗଣା ଜିଲ୍ଲା ଡାଇମଣ୍ଡ ହାର୍ବର୍ ଅଞ୍ଚଳର ସାମ୍ ?ସୁଲ ଆଲମ୍ ଖାଁ, ରାମକୃଷ୍ଣ ମଣ୍ଡଳ ଓ ସାହାଜାନ ଖାଁଙ୍କ ବିରୋଧରେ କେସ୍ ନଂ ୬୧/୧୩ରେ ମାମଲା ରୁଜୁ କରିଥିଲେ। ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତରେ ଏହି ମାମଲା ବିଚାରାଧୀନ ଥିବା ବେଳେ ଆଜି ବିଚାରପତି ବିଶ୍ୱଜିତ ଦାସ ୧୦ ଜଣ ସାକ୍ଷୀ ଓ ୧୮ଟି ଦସ୍ତାବିଜ ଆଧାରରେ ଅଭିଯୁକ୍ତ ଶାଖା ପରିଚାଳକଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

ଇସ୍ରାଏଲ-ପାଲେଷ୍ଟାଇନ...

ପଟୁ ମଧ୍ୟ ଇସ୍ରାଏଲ ଉପରକୁ ଆକ୍ରମଣ ଆଶଙ୍କା ରହିଛି । ପ୍ରଶ୍ନ ଉଠୁଛି ଇସ୍ରାଏଲ ବିରୋଧରେ ଇସଲାମିକ ଦେଶମାନଙ୍କ ଏକଜୁଟ ଯୁଦ୍ଧକୁ ଅଧିକ ଉଗ୍ର କରିବା ସହ ଦୁନିଆକୁ ତୃତୀୟ ବିଶ୍ୱ ଯୁଦ୍ଧ ମୁହାଁ କରିବନି ତ ଆତଙ୍କୀ ମୁଳପୋଛ ପାଇଁ ଇସ୍ରାଏଲ ପ୍ରତିଜ୍ଞା କରିଥିବାବେଳେ ଏବେ ଆମେରିକାର ସାମରିକ ସମର୍ଥନ ଦେଶକୁ ଅଧିକ ମଜବୁତ କରିଛି । ପଛକୁ ପଛ ଭାରତ, ବ୍ରିଟେନ୍, ଫ୍ରାନ୍ସ, ଅଷ୍ଟ୍ରେଲିଆ, ଜର୍ମାନୀ, ୟୁଏଇର ମଧ୍ୟ ସମର୍ଥନ ରହିଛି । ତେବେ ଇସ୍ରାଏଲକୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ସମର୍ଥନ ବିଶ୍ୱ ପାଇଁ ନୂଆ ଆହ୍ୱାନ ଆଣିପାରେ ।

ଲକ୍ଷ୍ମୀ ଯୋଜନା....

କହିଲେ ଯେ ମା' ମାନଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୦ ଲକ୍ଷ ଟଙ୍କାର ବ୍ୟବସ୍ଥାର ପ୍ରସ୍ତାବ ମାଲକାନଗିରି ରୁ ହିଁ ଆସିଥିଲା। ସେ ପୁଣି କହିଥିଲେ ଯେ ଆମର ଏହି ଲକ୍ଷ୍ମୀ ଯୋଜନାର ସଂପର୍କ ମଧ୍ୟ ମାଲକାନଗିରି ସହ ରହିଛି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମାଲକାନଗିରି ଗସ୍ତରୁ ସେ ଲୋକଙ୍କ ଅସୁବିଧା ବିଷୟରେ ଜାଣିପାରିଥିଲେ। ତା ପରେ ଏହି ଲକ୍ଷ୍ମୀ ଯୋଜନାର ପରିପକ୍ଵନା କରାଗଲା ବୋଲି ସେ କହିଥିଲେ। ଏହି ଯୋଜନା ଆମର ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆଣିବ। ଆମର ଅର୍ଥନୀତିକୁ ଆହୁରି ମଜବୁତ କରିବ ଏବଂ ଗାଁ ଗାଁରେ ସମୃଦ୍ଧି ଆଣିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଯୋଜନାରେ ସାରା ରାଜ୍ୟରେ ଏକ ହଜାରରୁ ଅଧିକ ବସ୍ ଚାଲିବ। ମାଲକାନଗିରିରେ ଆଜି ୩୬ଟି ବସ୍ ଚାଲିଲା। ମାଲକାନଗିରିର ୧୧୧ଟି ପଞ୍ଚାୟତକୁ ବସ୍ ସୁବିଧା ମିଳିଲା। ଏସବୁ ପଞ୍ଚାୟତରେ ବିକାଶର ନୂଆ ଧାରା ଆରମ୍ଭ ହେଲା ବୋଲି ସେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ସହ ନବରଙ୍ଗପୁର, କୋରାପୁଟ, ରାୟଗଡା, ଗଜପତି ଓ କନ୍ଧମାଳ ରେ ଲକ୍ଷ୍ମୀ ଯୋଜନାରେ ବସ ଚାଲିବ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଯୋଗାଯୋଗ ବିକାଶର ଆଧାର। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଘର ପାଖକୁ ଆସିବ ବସ୍। ପିଲାଙ୍କୁ ସ୍କୁଲ କଲେଜ ସହିତ ଯୋଡ଼ିବ। ଚାଷୀକୁ ମାର୍କେଟ ସହିତ ଯୋଡିବ। ରୋଗୀକୁ ହସ୍‌ପିଟାଲ ନେବ। ମା'ମାନେ ସେମାନଙ୍କ କାମ ପାଇଁ ବିଭିନ୍ନ ସ୍ଥାନକୁ ସୁବିଧାରେ ଯାଇପାରିବେ। ଲକ୍ଷ୍ମୀ ଯୋଜନା ଘରେ ଘରେ ଖୁସି ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଖୁବ ଶୀଘ୍ର ମାଲକାନଗିରି ଏଥିରେ ସାମିଲ ହେବ। ଏଥିରେ ଗାଁରେ ମିଳିବ ସହରର ସୁବିଧା। ବ୍ୟାଙ୍କିଂ, ଇଣ୍ଟରନେଟ, ଡିଜିଟାଲ ଭିତ୍ତିଭୂମି ସବୁର ବିକାଶ ହେବା ସହିତ ଆମ ସଂସ୍କୃତିର ମଧ୍ୟ ପ୍ରସାର ହେବ ବୋଲି ସେ କହିଥିଲେ। ଗୁରୁପ୍ରିୟା ସେତୁର ଗୁରୁତ୍ୱ ସମ୍ପର୍କରେ ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ମାଲକାନଗିରି ବିକାଶର ଏକ ବଡ ମାଇଲଷ୍ଟୋନ। ଏହି ସେତୁ ଜରିଆରେ ସ୍ୱାଭିମାନ ଅଞ୍ଚଳରେ ଆସିଛି ବିକାଶର ଆଲୋକ। ମୁଖ୍ୟମନ୍ତ୍ରୀ ମାଲକାନଗିରିରେ ଦୁଇ ଶହ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିବା ସହିତ ୬୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖିଥିଲେ। ସମସ୍ତଙ୍କ ସହଯୋଗରେ ଏହି କାମ ସବୁ ଠିକ୍ ସମୟରେ ଶେଷ ହେବ ଏବଂ ମାଲକାନଗିରିର ବିକାଶ ଆହୁରି ଉଜ୍ଜଳ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ସ୍ୱାଗତ ଭାଷଣ ଦେଇ କହିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେତେ ସବୁ ନୂତନ ଯୋଜନା ଆରମ୍ଭ କରିଥାନ୍ତି, ତାହା ମାଲକାନଗିରି ଜିଲ୍ଲାରୁ।

ସ୍ୱର୍ଗତଃ ଇଂ. ପୂର୍ଣ୍ଣଚନ୍ଦ୍ର ରଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର: ବିଶିଷ୍ଟ ଯନ୍ତ୍ରୀ ଇଞ୍ଜିନିୟର ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ରଥଙ୍କର ସ୍ମୃତି ଉଦେଶ୍ୟ ରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶ୍ରୀ ରଥଙ୍କର ତୃତୀୟ ଶ୍ରାଦ୍ଧବାର୍ଷିକୀର ଅବ୍ୟବହିତ ପୂର୍ବରୁ ତାଙ୍କ ଜନ୍ମମାଟି ଆଠଗଡ଼ ଅନ୍ତର୍ଗତ କଟକିଆ ସାହିର ପାଟେଣି ଗାଁ ସ୍ଥିତ ସର୍ପେଶ୍ୱର ବିଦ୍ୟାପୀଠ ଠାରେ ଆୟୋଜିତ ଏକ ସ୍ମୃତି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ତାଙ୍କର ପ୍ରତିଭା ଓ ପାରଦର୍ଶିତା ସମ୍ପର୍କରେ ସ୍ମୃତି ଚରଣା କରିଥିଲେ। ଶ୍ରୀ ରଥଙ୍କର ପରିବାରବର୍ଗ ଙ୍କ ତରଫରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ଓ୍ୱାଲର୍ଡ଼ ଓଡିଶା ସୋସାଇଟି ର ଅଧକ୍ଷ କିଶୋର ଦ୍ୱିବେଦୀ, ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା, ପ୍ରସିଦ୍ଧ ବ୍ୟଙ୍ଗ କବି ସାରଦା ମହାପାତ୍ର, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ପଣ୍ଡା, ପ୍ରଭାକର ପତ୍ରୀ, ଫକୀର ଚନ୍ଦ୍ର ପାଣି, ସ୍ମିତା ଦାସ, ଭୁବନୀ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ପ୍ରଭାକର ସାହୁ, ବିଦ୍ୟୁତ୍ କୁମାରୀ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ବରେଣ୍ୟ ବକ୍ତା ମାନେ ସ୍ୱର୍ଗତଃ ଇଂ. ପୂର୍ଣ୍ଣଚନ୍ଦ୍ର ରଥଙ୍କ କର୍ମତତ୍ପରତା, ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ମିତବ୍ୟୟିତା, ସାଧୁବାଦ, ନୀତିବାନ, ଶୃଙ୍ଖଳାମୟ, ଧାର୍ମିକତା ଓ ପରୋପକାରୀତା ଆଦି ସୁଗୁଣ ଆଧାରିତ ଜୀବନ ଓ ଦର୍ଶନ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସମାଜ ଓ ଓଡ଼ିଆ ଭାଷା ପ୍ରତି ତାଙ୍କର ଉଲ୍ଲେଖ ଯୋଗ୍ୟ ଅବଦାନ କିଭଳି ଭବିଷ୍ୟତ ପୀଢ଼ି ପାଇଁ ମାର୍ଗଦର୍ଶକ ଏବଂ ପ୍ରେରଣା ଦାୟକ ହେବ ସେ ସମ୍ବନ୍ଧରେ ସେମାନେ ସବିଶେଷ ଆଲୋଚନା କରିଥିଲେ ।ଉକ୍ତ ସଭାରେ ସର୍ପେଶ୍ୱର ବିଦ୍ୟାପୀଠ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ତଥା ସ୍ଥାନୀୟ ଗ୍ରାମବାସୀଙ୍କୁ ମିଶାଇ ୭ ଶହରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ । ଛାତ୍ର ଛାତ୍ରୀଙ୍କ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବିଜେତା ଓ ୯ମ ଏବଂ ୧୦ମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସଭାରେ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ନିମିତ୍ତ ପାଠ୍ୟ ଉପକରଣ ମଧ୍ୟ ବିତରଣ କରାଯାଇଥିଲା । ଏହି ଅବସର ରେ ସ୍ୱର୍ଗତଃ ପୂର୍ଣ୍ଣ ଚନ୍ଦ୍ର ରଥଙ୍କ ଦ୍ୱାରା ଗୃହ ନିର୍ମାଣ ସମ୍ବନ୍ଧୀୟ ବୈଷୟିକ ଜ୍ଞାନ କୌଶଳ ଉପରେ ଆଧାରିତ ଓଡ଼ିଆ ଭାଷାରେ ଲିଖିତ 'ବାସକଳା' ପୁସ୍ତକର ଉନ୍ମୋଚନ କରାଯାଇ ତାହା କିପରି ସାଧାରଣ ଓଡ଼ିଆଙ୍କୁ ସ୍ୱଗୃହ ନିର୍ମାଣରେ ସହାୟକ ହେବ ତାହାର ବିଶେଷତ୍ୱ ଉପରେ ଧ୍ୟାନ ଆକର୍ଷଣ କରାଯାଇଥିଲା। ସ୍ୱର୍ଗତଃ ରଥଙ୍କର ଧର୍ମପତ୍ନୀ ତଥା ନାରୀନେତ୍ରୀ ଓ ସମାଜସେବୀ ସ୍ୱର୍ଗତଃ ଦୟାମୟୀ ରଥଙ୍କର ଫୋଟୋ ଚିତ୍ର ରେ ଅତିଥି ମାନେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତଃ ରଥଙ୍କର ସୁଯୋଗ୍ୟ ଦାୟାଦ ଯଥା ଜ୍ୟେଷ୍ଠ ପୁତ୍ର ପ୍ରସିଦ୍ଧ ଶିକ୍ଷାବିତ୍ ଡ଼ଃ. ପ୍ରଭାତ କୁମାର ରଥ, ଆବୁଧାବୀଠାରେ ଅବସ୍ଥାପିତ କନିଷ୍ଠ ପୁତ୍ର ସୁନାମଧନ୍ୟ ଯନ୍ତ୍ରୀ ପ୍ରଦୀପ କୁମାର ରଥ, ସୁପୁତ୍ରୀ ଡାକ୍ତର ପଦ୍ମାଳୟା ରଥ, ପୁତ୍ରବଧୂ ପ୍ରିୟମ୍ବଦା ରଥ ଓ ବହ୍ନିପ୍ରଭା ରଥ, ଜ୍ୱାଇଁ ଡାକ୍ତର ଶିବ ନାରାୟଣ, ଦିଲ୍ଲୀପ ରଥ, ନୀଳମଣି ରଥ, ନାତି ନାତୁଣୀ ପ୍ରତ୍ୟୁଷ, ପ୍ରିଥିଶ, ସୀତୁ, ପ୍ରଜ୍ଞା, ପାୟଲ ଓ ନିକି ପ୍ରମୁଖ ଏହି ସ୍ମୃତି ସଭାକୁ ସୁଚାରୁ ରୂପେ ଆୟୋଜନ ଓ ସଫଳତାର ସହିତ ପରିଚାଳନା କରିବା ରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଶେଷରେ ସମସ୍ତ ଅତିଥି ଓ ଅଭ୍ୟାଗତ ଙ୍କୁ ପ୍ରୀତିଭୋଜନ ରେ ଆପ୍ୟାୟିତ କରାଯାଇଥିଲା।

ବଜରଙ୍ଗ ଦଳ କର୍ମୀଙ୍କ ଦ୍ୱାରା ପୁଣି ବେଆଇନ ଗୋରୁ ଗାଡି ଜବତ ହୋଇଛି

ବସ୍ତା , ୧୨/୧୦ (ନି.ପ୍ର): ଆଜି ସକାଳ ୮ଟା ସମୟରେ ଭଦ୍ରକରୁ ପଶ୍ଚିମବଙ୍ଗ ଏକ ଡମ୍ପର ଗାଡି ଯାହାର ନମ୍ବର ଡଂଜ ୦୧କ୯୫୧୧ ଅଟେ। ବେଆଇନ ଭାବେ ୧୭ଟି ଷଣ୍ଢକୁ ଗୋଡ଼ ଓ ମୁହଁ ବାନ୍ଧି ନେଇ ଯାଉଥିବା ସମୟରେ ଗାଡ଼ିଟିକୁ ବାଲେଶ୍ୱରରୁ କିଛି କାର୍ଯ୍ୟକର୍ତ୍ତା ପିଛାକରି ଆସିବା ପରେ ଗାନ୍ଧିଛକ ନିକଟରେ ଧରାଯାଇଥିଲା। ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଧିରେନକୁମାର ସେଠୀ, ରାମ ଚନ୍ଦ୍ର ଦାସ, ତାପସ କୁମାର ରାଉତ, ଜିତେନ୍ କୁମାର ନାୟକ, ଜୟକୃଷ୍ଣ ବାରିକ, ରାକେଶ ଜେନା, ସ

ଶୁକ୍ରବାର, ଅକ୍ଟୋବର ୧୩, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବାଲେଶ୍ୱର ଜିଲ୍ଲାର ପ୍ରଶାସନିକ ଓ ଆଖଡ଼ା ଦଳର ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମ୍ୟୁନିସପାଲିଟି ନିକଟରେ ଥିବା କିଲ୍ଲା ପୋଖରୀ ପାଖରେ ଅବସ୍ଥିତ ବିବାହ କଲ୍ୟାଣ ମଣ୍ଡପରେ ବାଲେଶ୍ୱର ପ୍ରଶାସନିକ ଓ ଆଖଡ଼ା ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଡିସନାଲ ଏସପି ଦଳେଇ ସାର , ସିଟି ଡିଏସପି ଗାୟତ୍ରୀ ପ୍ରଧାନ , ଟ୍ରାଫିକ୍ ଚିଫ୍ ପ୍ରଜ୍ଞା ମହାନ୍ତି ,ଡିଏସପି ଆଇନ ଶୃଙ୍ଖଳା ଓ ଟ୍ରାଫିକ୍ ଆଲୋକ ରଂଜନ ରାଏ ଏବଂ ଗୁଇନ୍ଦା ଡିଏସପି ବଜେଶ୍ୱରୀ ବଳ , ଏପରିକି ଟାଉନ ଆଇଆଇସି ବାରିଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ କିପରି ବାଲେଶ୍ୱର ଜିଲ୍ଲାର ବୀରାଷ୍ଟମୀ ,ଦଶହରା ଓ ଭସାଣି କିପରି ଉତ୍ସବ ଶାନ୍ତି ଶୃଙ୍ଖଳାରେ ପାଳିତ ହେବ ସେଥିପାଇଁ ବାଲେଶ୍ୱର ଆଖଡ଼ା ର ସର୍ଦ୍ଦାର ଓ ବିଭିନ୍ନ ପୂଜା ମଣ୍ଡପର ମୂରବୀ ମାନଙ୍କ ସହ ଆଲୋଚନା କରିଥିଲେ । ଏପରିକି ବୀରାଷ୍ଟମୀ ଦିନ ପ୍ରତ୍ୟେକ ଆଖଡ଼ା ଦଳ ଦିନ ୮ ଟାରୁ ବାହାରି ଦିନ ୨ଟା ସମୟରେ ଶେଷ କରିବା ଓ ଦଶହରା ଦିନ ରାତ୍ରି ସମୟରେ ରାତି ୮ ଟାରୁ ବାହାରି ୨ଟା ରେ ଶେଷ କରିବାକୁ ପରାମର୍ଶ ଦେଇଥିଲେ ।

ରାସ୍ତାକାମକୁ ନେଇ ସୁପରଭାଇଜରଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି , ୧୨/୧୦ (ନି.ପ୍ର): ଗୋହିରା ଆରବନ୍ଧ ରାସ୍ତାର ବରହମପୁର ବଜାର ଏବଂ ଗାଁ ରେ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତାର ପ୍ରଶସ୍ତିକରଣ ଓ ଉଭୟ ପାଖରେ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲୁ ରଖିଛି। ଏନେଇ ଗୁରୁବାର କାମ ଚାଲୁଥିବା ବେଳେ ବିନ୍ଧାଣୀ ଛକଠାରେ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବାଙ୍କିସାହି ଗ୍ରାମର ସୁକାନ୍ତ କୁମାର ବେହେରା ଓ କେଦାରନାଥ ମହାନ୍ତି ଏବଂ ବରହମପୁର ଗ୍ରାମର କିଛି ବ୍ୟକ୍ତିଙ୍କ ମଧ୍ୟରେ ରାସ୍ତାକାମକୁ ନେଇ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗ୍ରାମର ସନ୍ତୋଷ କୁମାର ବେହେରା (ଟାଙ୍ଗୁରୁ), ରବୀନ୍ଦ୍ର ବେହେରା (ଡଲଫିନ ହୋଟେଲ ମାଲିକ), ଭଗବାନ ସାହୁ, ପିତାମ୍ବର ବାରିକ ଉଭୟଙ୍କୁ ଲୁହାରଡ଼, ଠେଙ୍ଗା, କୁଦାଳ ବେଣ୍ଟ ସାହାଯ୍ୟରେ ଆକ୍ରମଣ କରିଥିବା ନେଇ ସୁକାନ୍ତ କୁମାର ବେହେରା ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାଛଡା ସେ ପିନ୍ଧିଥିବା ସୁନାଚେନ୍ ଛିଣ୍ଡାଇ ନେଇଥିବା ସହ ନାନାଦି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ନେଇ ଅଭିଯୋଗ କରିଛନ୍ତି। ତେବେ ସୁକାନ୍ତ ଏବେ ବରହମପୁର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

ଭଦ୍ରକ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ଶିକ୍ଷାମୂଳକ ଗସ୍ତ

ଭଦ୍ରକ , ୧୨/୧୦ (ନି.ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟର ଯୁକ୍ତ ତିନି ଉଦ୍ଭିଦ ବିଜ୍ଞାନ(ସମ୍ମାନ) ଛାତ୍ରୀମାନେ ତା ୧୧, ୧୦, ୨୩ରିଖ ବୁଧବାର ଦିନ ରାଣୀତାଳ ସ୍ଥିତ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ସଂପ୍ରସାରଣ କେନ୍ଦ୍ର (ଆର.ଆର.ଟି.ଟି.ଏସ୍.)କୁ ଏକ ଶିକ୍ଷାମୂଳକ ଗସ୍ତ କରିଥିଲେ। ଆର.ଆର.ଟି.ଟି.ଏସ୍.ର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡଃ, ଉମାଶଙ୍କର ନାୟକଙ୍କ ଅଧ୍ୟକ୍ଷତାରେ କୃଷି ପ୍ରଯୁକ୍ତି ସମ୍ବନ୍ଧୀୟ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ସେ ଖାଦ୍ୟ ସୁରକ୍ଷା ଉପରେ ଗଭୀର ଆଲୋପାତ କରିଥିଲେ। ବରିଷ୍ଠ ଉଦ୍ଭିଦ ବିଜ୍ଞାନୀ ଡଃ. ଚିନ୍ମୟ କୁମାର ଦାସ ଧାନର ବିଭିନ୍ନ କିସମ (ବିଶେଷତଃ ସାଳନ୍ଦୀ ଧାନ) ଉପରେ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ କ୍ଷେତ୍ରବିଜ୍ଞାନୀ ଉତ୍କଳିକା ନାୟକ, ପାଣିପାଗ ବିଜ୍ଞାନୀ ମୀରା ମହାନ୍ତି କୃଷି ବିଭାଗର ବିଭିନ୍ନ ପ୍ରଯୁକ୍ତି ଜ୍ଞାନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବୈଜ୍ଞାନିକମାନେ କୟବାୟୁ ଉପଯୋଗୀ କୃଷି ପ୍ରଯୁକ୍ତି, ଧାନର ବିଭିନ୍ନ କିସମ, ଜୈବିକ କୃଷି, ମୃତ୍ତିକା ପରୀକ୍ଷା ପଦ୍ଧତି ସମ୍ବନ୍ଧରେ ଛାତ୍ରୀମାନଙ୍କୁ ଉପାଦେୟ ଜ୍ଞାନ ପ୍ରଦାନ କରିଥିଲେ । ଛାତ୍ରୀମାନେ ଆଞ୍ଚଳିକ ଗବେଷଣା କେନ୍ଦ୍ରର ପରୀକ୍ଷାଗାର, ମ୍ୟୁଜିଅମ୍, ଅବଜରଭେଟୋରୀ, ଆଧୁନିକ ଖତ ପ୍ରସ୍ତୁତ ପ୍ରଣାଳୀ, ଜୀବାମୃତ ପ୍ରସ୍ତୁତି ଆଦି ବୁଲି ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଥିଲେ। ପ୍ରତିଷ୍ଠାନର ବୈଜ୍ଞାନିକମାନେ ଛାତ୍ରୀମାନଙ୍କୁ ଜ୍ଞାନକୌଶଳ ପ୍ରଦାନ ସହିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ସୁପ୍ରୀତି କର, ବିଭାଗୀୟ ମୁଖ୍ୟ ଶ୍ରୀମତୀ ଆରତି ଜେନା ଓ ଅଧ୍ୟାପକ ଜଗନ ଟୁଡୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଆୟୋଜିତ କରାଯାଇଥିଲା । ଉଦ୍ଭିଦ ବିଜ୍ଞାନ ବିଭାଗର ଡେମଷ୍ଟ୍ରେଟର୍ ଶ୍ରୀମତୀ ସଂଘମିତ୍ରା ଦାସ ଓ ପ୍ରତିଭା ପଣ୍ଡା ଏହି ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ନିରାକରଣ ନେଇ ଜିଲ୍ଲାସ୍ତରୀୟ ଦିନିକିଆ କର୍ମଶାଳା

ଭଦ୍ରକ , ୧୨/୧୦ (ନି.ପ୍ର): ଶିଶୁ ଆମ ଦେଶ ଓ ଜାତିର ଅବିଚ୍ଛେଦ୍ୟ ଅଙ୍ଗ। ଦେଶ ଗଠନରେ ଶିଶୁ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ପ୍ରତ୍ୟେକ ଶିଶୁର ଅଧିକାରକୁ ସୁରକ୍ଷା ଦେବା ପ୍ରତ୍ୟେକ ରାଷ୍ଟ୍ରର ପ୍ରାଥମିକ କର୍ତ୍ତବ୍ୟ ଓ ଦାୟିତ୍ୱ। ବୌଦ୍ଧିକ ଓ ଶାରୀରିକ କ୍ଷେତ୍ରରେ ଶିଶୁଟିର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ତାର ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟି ସାଧନ, ଉତ୍ତମ ଶିକ୍ଷା, ହିଂସା ଓ ଶୋଷଣ ମୁକ୍ତ ପରିବେଶ ଆବଶ୍ୟକ। ଏସବୁ ପାଇଁ ସରକାରୀ, ବେସରକାରୀ ବା ବ୍ୟକ୍ତିଗତ ଭାବେ ଯେତେ ତପୂର ହେଲେ ମଧ୍ୟ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଭଳି ସମସ୍ୟାଗତ ପ୍ରତିବନ୍ଧକ ଯୋଗୁଁ ଏ ଦିଗରେ ପୂର୍ଣ୍ଣ ସଫଳତା ମିଳିପାରୁ ନାହିଁ। ସମାଜ ପାଇଁ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହେଉଥିବା ଏହିଭଳି କୁତ୍ସିତ ସମସ୍ୟାର ନିରାକରଣ ଉଦ୍ଦେଶ୍ୟରେ ସଚେତନତା ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଉଦ୍‌ଘାଟନ କରି ପ୍ରକାଶ କରିଥିଲେ କି କେବଳ କର୍ମଶାଳା କି ଧରପଗଡ଼ ଜରିଆରେ ଏ ସମସ୍ୟାର ପ୍ରକୃତ ସମାଧାନ ହୋଇ ପାରିବ ନାହିଁ। ଏହାର କାରଣ ଅନୁସନ୍ଧାନ କଲେ ନିରାକରଣ ସହଜ ହେବ। ମାତ୍ର ଆନ୍ତରିକତା ବିନା ଏହା ସମ୍ଭବ ନୁହେଁ । ଏ ଦୁଇ ସମସ୍ୟା ସମାଧାନ ପାଇଁ ସଚେତନତା ସହ ଶିକ୍ଷା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। କୌଣସି କାରଣରୁ ଶିକ୍ଷା ଅଧିକାରରୁ ବଞ୍ଚିତ ହେଉଥିବା ଶିଶୁକୁ ଶିକ୍ଷାରେ ପୁର୍ନନିବେଶ ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଶିକ୍ଷାରେ ସାମିଲ କରିପାରିଲେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗର ବିଲୋପ ଘଟିପାରିବ। ଏଥିପାଇଁ ନିଜ ନିଜ ସ୍ତରରେ ଚିନ୍ତନ, ମନ୍ଥନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବାଲ୍ୟ ବିବାହ ନିଷିଦ୍ଧ ଆଇନ ୨୦୦୬ ଓ ଶିଶୁ ଶ୍ରମ ନିଷେଧ ଓ ନୟନ୍ତ୍ରଣ ଆଇନ୍ ୧୯୮୬ ର ବିଭିନ୍ନ ଦିଗ ଉପରେ ଅତିଥିମାନେ ବକ୍ତବ୍ୟ ରଖିବା ସହିତ ବାଲ୍ୟବିବାହ ଜନିତ କାରଣ ସଚେତନତାର ଅଭାବ, ଅନ୍ଧ ବିଶ୍ୱାସ ଓ କୁସଂସ୍କାର, ଝିଅ ପିଲାଙ୍କୁ ପରିବାରରେ ବୋଝ ମଣିବା, ଝିଅ ପିଲାଙ୍କ ଶିକ୍ଷାକୁ ଗୁରୁତ୍ୱ ନଦେବା, ଝିଅକୁ ପରଘର ଧନ ବୋଲି ବିବେଚନା କରିବା ପ୍ରଭୃତି ବିଷୟରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଆଇନ୍‌ର ଅବମାନନାରେ ଦଣ୍ଡ ଓ ଜୋରିମାନା ବ୍ୟବସ୍ଥା ସମ୍ବନ୍ଧରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ଶିଶୁ ଶ୍ରମ ନିଷେଧ ଆଇନ୍ ୧୯୮୬ ରୁ ସଂଶୋଧନ ବିଲ ୨୦୧୨ ପର୍ଯ୍ୟନ୍ତ ଆଇନ୍ ର ବିଧିବ୍ୟବସ୍ଥା ସମ୍ବନ୍ଧରେ ମଧ୍ୟ ଅତିରିକ୍ତ ଜିଲ୍ଲା ଶ୍ରମଅଧିକାରୀ ରତିକାନ୍ତ ମଲ୍ଲିକ୍ ପ୍ରକାଶ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ୍ ଆଇନ୍ ପ୍ରବେଶନ ଅଧିକାରୀ ସୁବ୍ରତ ଦାସ ମଞ୍ଚ ପରିଚାଳନା କରିଥିଲା ବେଳେ ଫେଲୋସିପ୍ ନିର୍ଦ୍ଦେଶକ ସମାଜସେବୀ ଲଲାଟେନ୍ଦୁ ମହାନ୍ତି ବିଷୟ ବିଷାରଦ ଭାବେ ଏହି ସମସ୍ୟାର ସମାଧାନ ପାଇଁ ସଚେତନତା ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

ସୂର୍ଯ୍ୟକାନ୍ତ ବିଶ୍ୱାଳ ନୀଳଗିରି ବିଜେପି ନଗର ମଣ୍ଡଳ ସଭାପତି ମନୋନୀତ

ନୀଳଗିରି , ୧୨/୧୦ (ନି.ପ୍ର): ନୀଳଗିରି ବିଜେପି ନଗର ମଣ୍ଡଳର ନୂତନ ସଭାପତି ଭାବେ ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କୁ ମନୋନୀତ କରାଯାଇଅଛି। ବିଜେପି ଜିଲ୍ଲା କାର୍ଯ୍ୟାଳୟ ତରଫରୁ ଏ ନେଇ ଘୋଷଣା କରାଯାଇଅଛି। ସୂର୍ଯ୍ୟକାନ୍ତ ବିଶ୍ୱାଳ ନୂଆ ଦାୟିତ୍ୱ ପାଇବା ପରେ ରାଜ୍ୟ ସଭାପତି ମନମୋହନ ସାମଲ , ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସୁକାନ୍ତ କୁମାର ନାୟକ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ନୀଳଗିରି ନଗରରେ ବିଜେପିର ସଂଗଠନକୁ ତୃଣମୂଳ ସ୍ତରରେ ସମସ୍ତଙ୍କୁ ସାଥିରେ ନେଇ ଆହୁରି ଅଧିକ ଶକ୍ତିଶାଳୀ କରିବା ପାଇଁ ପ୍ରୟାସ କରିବେ ବୋଲି ମତପ୍ରକାଶ କରିଛନ୍ତି।

ଆମରଣ ଅନଶନ ବସିଲା ଭଞ୍ଜସେନା

ବାରିପଦା, ୧୨/୧୦ (ନି.ପ୍ର): ରାଜ୍ୟର ବହୁ ପ୍ରମୁଖ ମଠ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପୁନଃରୁଦ୍ଧାର ପାଇଁ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କା ଅନୁଦାନ ପ୍ରଦାନ କରୁଥିବା ବେଳେ ଆଦିବାସୀ ବହୁଳ ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ତଥା ବିଶ୍ୱରେ ଏକମାତ୍ର କଳା ମୁଗୁନି ପଥରରେ ନିର୍ମିତ ମାଆ କିଚକେଶ୍ୱରୀଙ୍କ ମନ୍ଦିରର ପୁନଃରୁଦ୍ଧାର ପାଇଁ ରାଜ୍ୟ ସରକାର ସାମାନ୍ୟ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିଭଳି ବାରମ୍ବାର ଦାବୀ ପରେ ବାରିପଦା ପୂର୍ତ୍ତ ବିଭାଗ ପକ୍ଷରୁ ସର୍ଭେ ହୋଇ ଧ୍ୱଂସାଭିମୁଖୀ ମୟୂରଭଞ୍ଜ ରାଜପ୍ରସାଦ ତଥା ବର୍ତ୍ତମାନର ଏମ।ପି।ସି। ଜୁନିୟର କଲେଜର ପୁନଃରୁଦ୍ଧାର ପାଇଁ ଆବଶ୍ୟକ ଅଟକଳରାଶୀ ଆକଳନ କରି ସରକାର ଙ୍କୁ ଅବଗତ କରିବାର ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରୁନାହିଁ। ଏଣୁ ଉପରୋକ୍ତ ଦୁଇଗୋଟି ଦାବୀର ସଫଳ ରୂପାୟନ ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ସକାଶେ ଭଞ୍ଜସେନା ପକ୍ଷରୁ ଆଜି ଠାରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଖାଳ ୧୦ଘଟିକା ଠାରୁ ସଂଗଠନର ଜିଲ୍ଲା ଯୁବ ଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ ଆମରଣ ଅନଶନରେ ବସିଥିବାର ଦେଖାଯାଇଛି। ଯଦି ସରକାର ମୟୂରଭଞ୍ଜର ଏହି ନ୍ୟାର୍ଯ୍ୟ ଦାବୀ ପ୍ରତି ଅଣଦେଖା କରନ୍ତି ତେବେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି।

ନାବାଳକ ଭାଇ ଓ ଭଉଣୀଙ୍କୁ ସାହାଯ୍ୟର ହାତ ବଢ଼େଇଲେ ତ୍ରିଶକ୍ତି ଫାଉଣ୍ଡେସନ ଓ ଲିଭ୍ ଆଣ୍ଡ ଲେଟ ଲିଭ୍ ସ୍ୱେଚ୍ଛାସେବୀ ସଙ୍ଗଠନ

ବସ୍ତା, ୧୨/୧୦ (ନି.ପ୍ର): ଅଜଣା ରୋଗରେ ବାପାଙ୍କ ମୃତ୍ୟୁପରେ ଏହି ପରିବାର ଉପରେ ସତେ ଯେମିତି ଖସି ପଡିଛି ଦୁଖଃର ପାହାଡ, ପରିବାରର ଆର୍ଥିକ ସମ୍ବଳ ନଥିବାରୁ ବାପାଙ୍କ ମୃତ୍ୟୁ ପରେ ଘରେ ଘରେ ଭିକିଆ ମାଗୁଛନ୍ତି ଚୂଲି ବି ଜଳୁନି, ଭୋକ ଉପାସରେ ଭଙ୍ଗା କୁଡିଆରେ ଦିନ କାଟୁଛନ୍ତି ଏହି ପରିବାର। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ପହଣା ଗ୍ରାମରେ ବସବାସ କରନ୍ତି ରବିନ୍ଦ୍ର ମୁଖୀଙ୍କ ପରିବାର, ନିଜର ଜମିବାଡି କିଛି ନଥିବାରୁ ରବିନ୍ଦ୍ର ପରଘରେ ମୂଳ ଲାଗି କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରୁଥିଲେ, କିଛି ବର୍ଷ ପୂର୍ବରୁ ରବୀନ୍ଦ୍ରଙ୍କ ବଡପୂଅ ରୋଗରେ ପଡି ଅର୍ଥାଭାବରୁ ଚିକିତ୍ସିତ ହୋଇ ନପାରି ମୃତ୍ୟୁ ବରଣ କରିଥିବା ବେଳେ ଗତ ୭ ଦିନ ପୂର୍ବରୁ ଅଜଣା ରୋଗରେ ପିଡୀତ ହୋଇ ରବିନ୍ଦ୍ର ମଧ୍ୟ ଆଖି ବୁଜି ଦେଲେ । ଘରେ ଏବେ ଦୁଇ ନାବାଳକ ଭାଇ ଭଉଣୀ, ରବିନ୍ଦ୍ରଙ୍କ ସ୍ତ୍ରୀ ଏବଂ ବୃଦ୍ଧୀ ମା ବସି ଲୁହ ଗଡାଉଛନ୍ତି । ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଭୁବନେଶ୍ୱରର ତ୍ରିଶକ୍ତି ଫାଉଣ୍ଡେସନ ଓ ଲିଭ୍ ଆଣ୍ଡ ଲେଟ ଲିଭ୍ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ମାନେ ସହାୟତାର ହାତ ବଢାଇଛନ୍ତି, ଆଜି ସଙ୍ଗଠନର ସଦସ୍ୟମାନେ ପହଣା ଗ୍ରାମରେ ପହଞ୍ଚି କିଛି ଆର୍ଥିକ ସାହାଯ୍ୟ କରିବା ସହିତ ରାସନ ସାମଗ୍ରୀ, ପନି ପରିବା ସମେତ, ନୂତନ ବସ୍ତ୍ର ଏବଂ ଦୁଇ ନାବାଳକ ଭାଇ ଭଉଣୀଙ୍କ ପାଇଁ ପାଠ୍ୟ ସାମଗ୍ରୀ ପ୍ରଦାନ ସହିତ ପ୍ରତ୍ୟେକ ମାସରେ ପାଠ ପଢ଼ିବା ପାଇଁ ଅର୍ଥ ସାହାଯ୍ୟ କରିବେ ବୋଲି ତ୍ରିଶକ୍ତି ଫାଉଣ୍ଡେସନ ସଭାପତି କହିଛନ୍ତି। ଆମେ ମଧ୍ୟ ଆପଣମାନଙ୍କ ନିକଟରେ ଖବର ପହଞ୍ଚାଉଛୁ ଆଉ ନିବେଦନ କରୁଛୁ ସହାୟତା ପାଇଁ , କାରଣ ଆପଣ ମାନେ ସବୁବେଳେ ଏଭଳି ଅସହାୟଙ୍କ ସାହାରା ପାଲଟିଛନ୍ତି , ଏବେବି ଆପଣ ମାନଙ୍କ ସହଯୋଗ ଏହି ଅସାହାୟ ପରିବାର ମୁହଁରେ ହସ ଫୁଟାଇବାରେ ସାହାଯ୍ୟ କରିବ ବୋଲି ଆଶା କରୁଛୁ ।

ହଷ୍ଟେଲ ଖୋଜୁଛନ୍ତି ବାପ ଛେଉଣ୍ଡ ଭାଇ ଭଉଣୀ

ଉଦଳା , ୧୨/୧୦ (ନି.ପ୍ର): ଯେ ହେଉଛି ବାରିପଦା ବ୍ଲକର ଶଂଖାଭଙ୍ଗା ପଂଚାୟତ ଅନ୍ତର୍ଗତ ରାଣିଭୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ନରସିଂହ ଚପେୟାରଙ୍କର ଦେହାନ୍ତ ହୋଇଯିବା ପରେ ତାଙ୍କର ସହଧର୍ମିଣୀ ଅନ୍ୟତ୍ର ବିବାହ କରିଯାଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଫଳରେ ତାଙ୍କର ପୁତ୍ର ଶିବା ଓ କନ୍ୟା ହିରାମଣୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଦୁଇ ଭାଉ ଭଉଣୀ ବର୍ତମାନ ତାଙ୍କର ବୁଢ଼ି ମା' କାର୍ମି ଚପେୟାରଙ୍କ ନିକଟରେ ରହୁଛନ୍ତି । କାର୍ମିଙ୍କର ବୟସ ହୋଇଯାଇଥିବାରୁ ସେ ପିଲା ମାନଙ୍କର ସେବା ଯତ୍ନ ଠିକ୍ ଭାବରେ କରିପାରୁ ନାହାଁନ୍ତି । ତାହାଛଡ଼ା ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ପିଲା ମାନଙ୍କୁ ଭଲରେ ଦୁଇ ଓଳି ଖାଇବାକୁ ଦେଇପାରୁନାହାଁନ୍ତି । ଏହି ପିଲାମାନଙ୍କୁ କୌଣସି ହଷ୍ଟେଲରେ ରଖିଦେବା ପାଇଁ ବୁଢ଼ି ମା' କାର୍ମି ନେହୁରା ହେଉଛନ୍ତି। ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଏହି ଦୁଇ ଭାଇ ଭଉଣୀ ବର୍ତମାନ ପାଠ ପଢୁଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହ ଏହି ପିଲା ମାନଙ୍କୁ ହଷ୍ଟେଲରେ ରଖିଦେବାର ବ୍ୟବସ୍ଥା କରନ୍ତୁ ବୋଲି ଜନଜାଗୃତି ମଂଚର ସଦସ୍ୟ କାରୁକର ଅନୁରୋଧ ଜଣାଇଛନ୍ତି ।

ଗୁହାଳ ଘରେ ନିଆଁ ଲାଗି ୫ ଗୋରୁ ଜୀବନ୍ତ ଦଗ୍ଧ

ନୀଳଗିରି: ଗୁହାଳ ଘର ନିଆଁ ଲାଗି ୫ ଗୋରୁ ଜୀବନ୍ତ ଦଗ୍ଧ।ଏଭଳି ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ମିରିଗିଣି ଅଞ୍ଚଳରେ ଘଟିଛି। ଖଗେନ୍ଦ୍ର ବିଶ୍ୱାଳଙ୍କ ଗୁହାଳ ଘରେ ମଶା ପାଇଁ ଅଣ୍ଡା କ୍ୟାରେଟ ଜାଳି ଧୂଆଁ ଦେଇଥିବା ବେଳେ ଘଟିଛି ଏଭଳି ଅଘଟଣ।ଫଳରେ ଚାଳକୁ ନିଆଁ ବ୍ୟାପି ଯିବାରୁ ନିଆଁ କୁ ଆୟତ୍ତ କରିବା ପରିବାର ଓ ଗାଁ ଲୋକଙ୍କ ପାଇଁ ସହଜ ହୋଇ ନଥିଲା।ପରେ ଅଗ୍ନିଶମ ବିଭାଗ ଯାଇ ନିଆଁକୁ ଆୟତ୍ତ କରିବା ବେଳକୁ ୫ଟି ଗୋରୁ ଜଳି ଯାଇଥିଲେ।

ନୀଳଗିରି କଲେଜ ପରିଚାଳନା କମିଟିର ନୂତନ ସଭାପତିଙ୍କୁ ନୀଳଗିରି ଛାତ୍ର କଂଗ୍ରେସର ସମ୍ବର୍